ଧରିତ୍ରୀ
DHARITRI
October 12-18, 2025 ₹ 2/-

# ଛୁଟିଦିନ




ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶ ପାଇଁ କ୍ଷତିକାରକ ଜାଣିସୁଦ୍ଧା ଏହାର ବ୍ୟବହାର କମିବା ବଦଳରେ ଦିନକୁ ଦିନ ବଢିବାରେ ଲାଗିଛି। ହେଲେ କିଛି ଲୋକ ଅଛନ୍ତି; ଯେଉଁମାନେ ଏହାର ବ୍ୟବହାରକୁ ରୋକିବା ପାଇଁ କରିଛନ୍ତି ଅଭିନବ ପ୍ରୟାସ ...

## ପ୍ଲାଷ୍ଟିକ୍‌ରୁ ମୁକ୍ତି

୩
ପ୍ରଚ୍ଛଦ ପ୍ରସଙ୍ଗ





# ହସଖୁସିର ପରିବାର ପାଇଁ

**ହସଖୁସିର ପରିବାର ଜୀବନରେ ଶାନ୍ତି ଭରିଥାଏ। ସେଇ ପରିବାରରୁ ହିଁ ଆମକୁ ସବୁ ବିପଦକୁ ସାହାସର ସହ ସାମ୍ନା କରିବାକୁ ଶକ୍ତି ମିଳିଥାଏ। ତେଣୁ ପରିବାର ସଦସ୍ୟଙ୍କ ଭିତରେ କେମିତି ସମ୍ପର୍କ ଭଲ ରହିବ ସେ ନେଇ ଜାଣନ୍ତୁ କେତୋଟି ବାସ୍ତୁ ଟିପ୍ସ:**



* ଲିଭିଂ ରୁମ୍‌ର ଦକ୍ଷିଣ-ପଶ୍ଚିମ ଦିଗରେ କ୍ରିଷ୍ଟାଲ୍‌ର ଏକ ବଡ଼ ସାଇଜର୍ ବଲ୍ ରଖିବା ଦ୍ୱାରା ପରିବାରରେ ସ୍ନେହପ୍ରେମ ବଢିଥାଏ ବୋଲି ବିଶ୍ୱାସ କରାଯାଏ। ଧ୍ୟାନଦେବେ ଲିଭିଂ ରୁମ୍‌ରେ ମାତ୍ର ଗୋଟିଏ ହିଁ କ୍ରିଷ୍ଟାଲ୍ ବଲ୍ ରଖିବେ, ଏକାଧିକ ରଖିବେ ନାହିଁ।

* ପରିବାରରେ ହସଖୁସିର ପରିବେଶ ବଜାୟ ରଖିବା ପାଇଁ ପ୍ରତି ରୁମ୍‌ର ଦକ୍ଷିଣ-ପଶ୍ଚିମ ଦିଗରେ କ୍ରିମ୍ କଲର୍‌ର ଫୁଲଦାନୀରେ ହଳଦିଆ ରଙ୍ଗର ଫ୍ରେସ୍ ଫୁଲକୁ ରଖିପାରିବେ। ଆଉ ଫୁଲ ମଉଳିବାକୁ ଆରମ୍ଭ କଲେ ତୁରନ୍ତ ତାହାକୁ ବଦଳାଇଦେବେ। ଯେତେ ସମ୍ଭବ ଆର୍ଟିଫିସିଆଲ୍ ଫୁଲର ବ୍ୟବହାର କମ୍ କରିବେ।

* ପରିବାରରେ ଏକତାଭାବ ବୃଦ୍ଧି କରିବାକୁ ଚାହୁଁଥିଲେ, ଲିଭିଂ ରୁମ୍‌ର ଦକ୍ଷିଣ-ପଶ୍ଚିମ କାନ୍ଥରେ ଫ୍ୟାମିଲି ଫଟୋ ଲଗାଇବା ଶୁଭ ହୋଇଥାଏ। ଧ୍ୟାନ ଦେବେ ଏହି ଫ୍ୟାମିଲି ଫଟୋରେ ଯେମିତି ସବୁ ସଦସ୍ୟଙ୍କ ମୁହଁରେ ହସ ଭରି ରହିଥିବ। ତା'ଛଡ଼ା ଭିନ୍ନ ଭିନ୍ନ ଫଟୋ ନଲଗାଇ, ଗୋଟିଏ ଫଟୋ ଏମିତି ଲଗାଇବେ ଯେଉଁଥିରେ ସବୁ ସଦସ୍ୟ ଏକାଠି ମିଶିକି ରହିଥିବେ।

* ବାସ୍ତୁଶାସ୍ତ୍ର ଅନୁଯାୟୀ, ପରିବାରର ସମସ୍ତ ସଦସ୍ୟ ଏକାଠି ବସି ଭୋଜନ କରିବା ଦ୍ୱାରା ବି ଘରେ ଖୁସିର ମାହୋଲ ବଢିବା ସହ ସମ୍ପର୍କ ମଜଭୁତ୍ ହୋଇଥାଏ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଅକ୍ଟୋବର ୧୨-୧୮, ୨୦୨୫**

### ମେଷ


ଆରୋଗ୍ୟ ଲାଭ, ସ୍ଥାନାନ୍ତର ଜନିତ ଅସ୍ଥିରତା, ଦୂରଯାତ୍ରାରେ ପ୍ରତିବନ୍ଧକ, ଜୀବନଶୈଳୀର ପରିବର୍ତ୍ତନ, ସାମାଜିକସ୍ଥିତିର ଦୁର୍ବଳତା, ପରିବାରର ଖର୍ଚ୍ଚଭାର ବୃଦ୍ଧି, କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ॥

### ବୃଷ


ମାନସିକ ଅସୁସ୍ଥତା, ଅସହଯୋଗରୁ କାର୍ଯ୍ୟହାନୀ, ବନ୍ଧୁବର୍ଗଙ୍କ ସାନ୍ତ୍ୱନା, ପର ଉପରେ ନିର୍ଭରଶୀଳ ହେବେ, ମାଙ୍ଗଳିକ କାର୍ଯ୍ୟାରମ୍ଭ, ମନୋରଞ୍ଜନର ମଉକା, ଆର୍ଥିକ ଅଭିବୃଦ୍ଧି, ଭ୍ରାତୃସମ୍ପର୍କ ସୁଧୁରିବ, ବ୍ୟବସାୟିକ ଉତ୍କର୍ଷ ॥

### ମିଥୁନ


ନୂତନ କର୍ମାରମ୍ଭ, ଅର୍ଥସଂକଟ ଦୂର ହେବ, ବନ୍ଧୁଙ୍କ ସହାନୁଭୂତିପ୍ରାପ୍ତି, ମନ ହାଲୁକା ରହିବ, ରାଜନୀତିରେ ବିତର୍କ, ପବ୍ଲିକେଶନରେ ସମସ୍ୟା, ପରିସ୍ଥିତି ଜଟିଳ ହୋଇପାରେ, ପାରିବାରିକ ଶାନ୍ତି, ସନ୍ତାନଙ୍କ କୃତିତ୍ୱ, କ୍ରନିକ୍ ରୋଗର ପୀଡା ବୃଦ୍ଧି ॥

### କର୍କଟ


କର୍ମଦକ୍ଷତାରୁ ପ୍ରଶଂସା, ସାମାଜିକ ସମ୍ମାନପ୍ରାପ୍ତି, ବନ୍ଧୁ ସମ୍ପର୍କରେ ଭଟ୍ଟା, ପାରିବାରିକ ଶାନ୍ତି, ପରିସ୍ଥିତି ବିଗିଡିବ, ଉପରିସ୍ଥଙ୍କ ଆଶ୍ୱାସନା, ଦର୍ଶନୀୟ ସ୍ଥାନ ଭ୍ରମଣ, ସଭାସମିତିକୁ ନିମନ୍ତ୍ରଣ ॥

### ସିଂହ


ଦୈହିକ ଦୁର୍ବଳତା, ଆର୍ଥିକ ଅଭିବୃଦ୍ଧି, କର୍ମଦକ୍ଷତାରୁ ପ୍ରଶଂସା, ସମସ୍ୟାର ସମାଧାନ, ବାକ୍ ଅସଂଯମତାରୁ ବିତର୍କ, ସାଂସ୍କୃତିକ କାର୍ଯ୍ୟକ୍ରମକୁ ନିମନ୍ତ୍ରଣ, ନୂତନବନ୍ଧୁ ସମ୍ପର୍କ, ପଡୋଶୀଙ୍କ ଅପପ୍ରଚାର, ଚଳଚ୍ଚିତ୍ର କ୍ଷେତ୍ରରେ ବିବାଦ ।

### କନ୍ୟା


ଆତ୍ମସମୀକ୍ଷାରୁ ଅବସାଦ, ନୂତନଯୋଜନାର ପରିକଳ୍ପନା, ବୁଦ୍ଧିଜିବୀଙ୍କ ପରାମର୍ଶ, ଶିଳ୍ପବାଣିଜ୍ୟରେ ଉନ୍ନତି, ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ, ମାନସିକ ଚାପ ବୃଦ୍ଧି, ମିଥ୍ୟାରୋପର ମନସ୍ତାପ, ବାଣିଜ୍ୟରେ ପ୍ରତିବନ୍ଧକ ॥

### ତୁଳା


ବନ୍ଧୁଙ୍କ ସହଯୋଗ, ଦୁଶ୍ଚିନ୍ତା ଦୂର ହେବ, ଅନ୍ତର୍ଦ୍ୱନ୍ଦ୍ୱର ଅବସାନ, ପାରବାରିକ ଶାନ୍ତି, ଆଇନ ସହାୟତାପ୍ରାପ୍ତି, ହୋଟେଲ ଶିଳ୍ପରେ ଉନ୍ନତି, ଜମିଜମାର ରେଜିଷ୍ଟ୍ରେସନ୍, ସଭାସମିତିକୁ ନିମନ୍ତ୍ରଣ, ସମ୍ପର୍କୀୟଙ୍କ କୁତ୍ସାରଟନା, ଆର୍ଥିକ ଦୂରବସ୍ଥା, ଧର୍ମକାର୍ଯ୍ୟରେ ନିଷ୍ଠା ॥

### ବିଛା



ଶୁଭଖବରପ୍ରାପ୍ତି, କାର୍ଯ୍ୟସିଦ୍ଧିରୁ ଆନନ୍ଦ, ମୂଲ୍ୟବାନ ଦ୍ରବ୍ୟ ଲାଭ, ନୂତନବନ୍ଧୁ ସମ୍ପର୍କ, କର୍ମକ୍ଳାନ୍ତିରୁ ମୁକ୍ତି, ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି, ଋଣ ପରିଶୋଧ କରିବେ, ତୀର୍ଥାଟନର ସୁଯୋଗ, କଳାସାହିତ୍ୟରେ ଅନୁରାଗ, ଲେଖାପଢାରେ ଆଗ୍ରହ ॥

### ଧନୁ


ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ପାରିବାରିକ ବ୍ୟତିକ୍ରମ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେବେ, ଭୁଲ୍ ବୁଝାମଣା ଦୂର ହେବ, ସ୍ୱାସ୍ଥ୍ୟଗତ ସମସ୍ୟା, ନୂତନ ଯୋଜନାରମ୍ଭ, ବିଜାତୀୟ ବନ୍ଧୁଙ୍କ ସାହାଯ୍ୟ, ଯୋଗଶିକ୍ଷାରେ ରୁଚି, ରେଷ୍ଟୁରାଣ୍ଟରେ ସମସ୍ୟା, ସତ୍‌ସଙ୍ଗର ସୁଯୋଗ ପ୍ରାପ୍ତି ॥

### ମକର


ପ୍ରିୟଜନଙ୍କ ଅନାଦର, ଅପନିନ୍ଦା ପାଇବେ, ମାନସିକ ଅସ୍ଥିରତା, ଅପବ୍ୟୟର ଅନୁଚିନ୍ତା, ପଡୋଶୀଙ୍କ ଟାହିଟାପରା, ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, କର୍ମକ୍ଷେତ୍ରରେ ଗୌରବ ବୃଦ୍ଧି, ବାଣିଜ୍ୟ ବ୍ୟବସାୟରେ ଉନ୍ନତି ॥

### କୁମ୍ଭ


ନୂତନ ପ୍ରକଳ୍ପାରମ୍ଭ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା, ମାନସିକ ଚାପ କମିବ, ମାଙ୍ଗଳିକ କାର୍ଯ୍ୟର ପ୍ରସ୍ତୁତି, ବନ୍ଧୁଙ୍କ ସହାନୁଭୂତି, ଯାନବାହନରେ ତ୍ରୁଟି, ବିଦେଶରେ ଥିବା ସନ୍ତାନଙ୍କ ସମସ୍ୟା, କଚେରୀ ମାମଲାରେ ବାଇଦା, ଶାରୀରିକ ଅସୁସ୍ଥତା ॥

### ମୀନ


ସମୟାନୁବର୍ତ୍ତିତାରୁ ପ୍ରଶଂସା, ସହକର୍ମୀଙ୍କ ଅସହିଷ୍ଣୁତା, ସମସ୍ୟାର ସମାଧାନ, ଲକ୍ଷ୍ୟପ୍ରାପ୍ତିରେ ପ୍ରତିବନ୍ଧକ, କୈଫିୟତ ତଲବ ହୋଇପାରେ, ପରୀକ୍ଷାରେ ସଫଳତା, ଅଶୌଚ ଖବର ପାଇବେ, ବ୍ୟବସାୟିକ ଉତ୍କର୍ଷତା, ବିଦେଶଯାତ୍ରାର ସୁଯୋଗ।

# ଜନ୍ମମାସରୁ ଜାଣନ୍ତୁ ବ୍ୟକ୍ତିତ୍ୱ




**ଜ୍ୟୋ**ତିଷଶାସ୍ତ୍ର ଅନୁଯାୟୀ, ଇଂରାଜୀ ମାସ ଜାନୁୟାରୀରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିଙ୍କ ମନରେ ଅନ୍ୟମାନଙ୍କ ପାଇଁ ଖୁବ୍ ସମ୍ମାନ ରହିଥାଏ। ନିଜ ଇଚ୍ଛାକୁ ସେମାନେ କାହା ଉପରେ ଲଦିବାକୁ ଚେଷ୍ଟା କରନ୍ତି ନାହିଁ। ଫେବୃୟାରୀରେ ଜନ୍ମ ହୋଇଥିବା ବ୍ୟକ୍ତି ସଚ୍ଚୋଟ ଓ ଦାୟିତ୍ୱବାନ୍ ସାଥୀ ହୋଇଥାନ୍ତି। ପ୍ରକୃତିକୁ ଭଲ ପାଇବା, ରୋମାଞ୍ଚକର ଯାତ୍ରାରେ ଯିବା ବି ଏମାନଙ୍କର ରୁଚି ରହିଥାଏ। ମାର୍ଚ୍ଚରେ ଜନ୍ମିତ ବ୍ୟକ୍ତି ଶାନ୍ତ ଓ ଦୟାଳୁ ସ୍ୱଭାବର ହୋଇଥାନ୍ତି। ଏପ୍ରିଲ୍‌ରେ ଯେଉଁମାନେ ଜନ୍ମ ସେମାନେ ସ୍ପଷ୍ଟବାଦୀ ଓ ଜିଦ୍‌ଖୋର ହୋଇଥାନ୍ତି। ମେ'ରେ ଜନ୍ମିତ ବ୍ୟକ୍ତି କଳାପ୍ରେମୀ ଆଉ ଚଞ୍ଚଳ ସ୍ୱଭାବର ହୋଇଥିବାବେଳେ ଜୁନ୍‌ରେ ଜନ୍ମିତ ବ୍ୟକ୍ତି ସମ୍ବେଦନଶୀଳ ଏବଂ ରୋମାଣ୍ଟିକ୍ ସ୍ୱଭାବର ହୋଇଥାନ୍ତି। ସାମାନ୍ୟ ଇର୍ଷାଳୁ ଭାବ ବି ଏମାନଙ୍କଠାରେ ଦେଖାଯାଇଥାଏ। ଜୁଲାଇରେ ଜନ୍ମିତ ବ୍ୟକ୍ତି ଟିକେ ରାଗୀ ସ୍ୱଭାବର ହୋଇଥିଲେ ହେଁ, ପରୋପକାର କରିବାକୁ ପସନ୍ଦ କରିଥାନ୍ତି। ଅଗଷ୍ଟରେ ଜନ୍ମିତ ବ୍ୟକ୍ତି ଖୁବ୍ ପରିଶ୍ରମୀ ହୋଇଥାନ୍ତି, ସେଥିପାଇଁ ଏମାନଙ୍କ ପାଖରେ କେବେ ବି ଟଙ୍କାପଇସାର ଅଭାବ ଦେଖାଯାଏ ନାହିଁ। ବୁଦ୍ଧିମାନ ତଥା ଇଶ୍ୱରବିଶ୍ୱାସୀ ହୋଇଥାନ୍ତି ସେପ୍ଟେମ୍ବର ମାସରେ ଜନ୍ମିତ ବ୍ୟକ୍ତି। କିନ୍ତୁ ସାମାନ୍ୟ କଥାରେ ଏମାନେ ଉଦାସ ବି ହୋଇଯାନ୍ତି। ଅକ୍ଟୋବରରେ ଜନ୍ମିତ ବ୍ୟକ୍ତି କଳା ଓ ସାହିତ୍ୟପ୍ରେମୀ ହେବା ସହ ସାମାନ୍ୟ ଈର୍ଷାଳୁ ହୋଇଥାନ୍ତି। ନଭେମ୍ବରରେ ଜନ୍ମିତ ବ୍ୟକ୍ତି ଦୂରଦର୍ଶୀ, ସାହାସୀ ତଥା ଚାଲାକ୍ ସ୍ୱଭାବର ହୋଇଥିଲେ ହେଁ ପ୍ରଶଂସାପ୍ରିୟ ହୋଇ ନଥାନ୍ତି। ଆଉ ଡିସେମ୍ବରରେ ଜନ୍ମିତ ବ୍ୟକ୍ତି ସୌଖୀନପ୍ରିୟ ହୋଇଥାନ୍ତି। ସବୁ କିଛି ଭଲ ତାଙ୍କର ଦରକାର।

# ପାଠକୀୟ

* ନାରୀ! ସେ ଶକ୍ତିସ୍ୱରୂପିଣୀ, ମମତାମୟୀ। କୌଣସି କଷ୍ଟ ତାକୁ ଭାଙ୍ଗିପାରେନା। ପ୍ରତିବନ୍ଧକ ରୋକିପାରେନା। ମନୋବଳ ଏତେ ଦୃଢ଼ ଯେ ଏକାକୀ ବହନ କରିପାରେ ଶତ ଦାୟିତ୍ୱର ଭାର। ତା'ର ଏଇ ପାରିବାପଣ ହିଁ ପ୍ରମାଣିତ କରେ ସେ ସାଧାରଣ ନୁହେଁ, ବରଂ ମା' ଦଶଭୁଜାଙ୍କ ସ୍ୱରୂପ। ଏଭଳି ଏକ ନିଆରା ଆଲେଖ୍ୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ନାରୀ ସେ ଦଶଭୁଜା' ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା।

*– ସିମ୍‌ରନ୍ ପ୍ରଧାନ, ଫୁଲନଖରା*

* ନାରୀ! ଶକ୍ତିର ସ୍ୱରୂପ ସେ, ମମତାର ପରିଭାଷା। କଷ୍ଟ ତାକୁ ଭାଙ୍ଗି ପାରେନା। ପ୍ରତିବନ୍ଧକ ରୋକିପାରେନା। ମନୋବଳ ଏତେ ଦୃଢ଼ ଯେ ଏକାକୀ ବହନ କରିପାରେ ଶତ ଦାୟିତ୍ୱର ଭାର। ଏଭଳି ଏକ ମଜାଦାର ତଥା ମନଛୁଆଁ ବିଷୟକୁ ନେଇ ପ୍ରସ୍ତୁତ ପ୍ରଚ୍ଛଦ ପ୍ରସଙ୍ଗ 'ନାରୀ ସେ ଦଶଭୁଜା' ଶୀର୍ଷକ ଆଲେଖ୍ୟଟି ଖୁବ୍ ପ୍ରେରଣାଦାୟୀ ଥିଲା। 'ଫେଷ୍ଟିଭ୍ ଲୁକ୍ ପାଇଁ ଶାଢ଼ି' ଶୀର୍ଷକ ପାଠଟି ବି ବେଶ୍ ନିଆରା ହୋଇଥିଲା।

*– ପୁଷ୍ପେନ୍ଦୁ ସାମଲ, ଯାଜପୁର*

* 'ବାସ୍ତୁଶାସ୍ତ୍ର ଅନୁଯାୟୀ ପୂଜା କରିବାର ନିୟମ', 'ଗଙ୍ଗାଜଳ ଦୂର କରିବ ବାସ୍ତୁଦୋଷ' ଶୀର୍ଷକ ପାଠରୁ ବହୁ ଉପାଦେୟ କଥା ଜାଣିହେଲା। 'ଦେବୀ' ଶୀର୍ଷକ ସ୍ୱତନ୍ତ୍ର କବିତା ପୃଷ୍ଠା ବି ପଢିବାକୁ ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ମଧ୍ୟ ଖୁବ୍ ଆକର୍ଷଣୀୟ ହୋଇଥିଲା। ବିଶେଷକରି ଏଥିରେ ସ୍ଥାନିତ ଦୀପିକାଙ୍କ ଫଟୋଟି ଖୁବ୍ ସୁନ୍ଦର ଲାଗୁଥିଲା।

*– ପ୍ରିୟାଂଶୀ ମହାପାତ୍ର, ଝାରପଡ଼ା, ଭୁବନେଶ୍ୱର*

* ଲେଖିକା ସରୋଜିନୀ ଜେନାଙ୍କ ପ୍ରଥମ ରୋଜଗାରର ଅନୁଭୂତି ଭାରି ହୃଦୟସ୍ପର୍ଶୀ ଥିଲା। ଐତିହ୍ୟ ପୃଷ୍ଠାରୁ 'ପାରଳାଖେମୁଣ୍ଡି ରାଜବାଟୀ' ସମ୍ପର୍କରେ ବହୁ ଉପାଦେୟ କଥା ଜାଣିହେଲା। ହାଃ ହାଃ ବି ଖୁବ୍ ମଜାଦାର୍ ଥିଲା।

*– ସୁପ୍ରୀତ୍ ମହାନ୍ତି, ରାଉରକେଲା*

* ସହରଠୁ ଦୂର ପୃଷ୍ଠାରୁ ପାର୍ବଣରେ କେଉଁ କେଉଁ ସ୍ଥାନକୁ ବୁଲିଯିବା ଉତ୍ତମ ତାହା ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ପୂଜାରେ ଲାଲ୍ ଧଳା ଶାଢ଼ିର ମହତ୍ତ୍ୱ' ଶୀର୍ଷକ ପାଠ ବିଷୟରେ ବହୁ ଉପାଦେୟ କଥା ଜାଣିବାକୁ ମିଳିଲା। 'ମୋବାଇଲ ଫିଙ୍ଗା ପ୍ରତିଯୋଗିତା' ଶୀର୍ଷକ ପାଠଟି ବେଶ୍ ନିଆରା ଥିଲା।

*– ପୁଷ୍ପଲତା ପ୍ରଧାନ, କେନ୍ଦ୍ରାପଡ଼ା*

* ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଦେବତା, ଭଗବାନ ଓ ଈଶ୍ୱର' ଶୀର୍ଷକ ପାଠଟି ବେଶ୍ ନିଆରା ଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ବେଟୀ ଜିନ୍ଦାବାଦ ବେକେରି', 'ର୍‌ୟାପିଂ ପେପରରେ ଡ୍ରେସ୍', 'ବାଇଗଣୀ ରଙ୍ଗର ଦ୍ୱୀପ' ଆଦି ପାଠଗୁଡ଼ିକ ବି ଖୁବ୍ ଅଜବ ଥିଲା ପଢିବାକୁ।

*– ଲିପୁନ୍ ସାହୁ, ଫୁଲବାଣୀ*




## ବିଶେଷ ଚିଠି

ନାରୀ ସେ ଦଶଭୁଜା
ଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଦେଉଥିଲା ନୂଆ ନୂଆ ତଥ୍ୟ
ଭରି ମନେ ଅପୂର୍ବ ଆନନ୍ଦ।
ତା'ସାଙ୍ଗକୁ ଥିଲା
ଫେଷ୍ଟିଭ୍ ଲୁକ୍ ପାଇଁ ଶାଢ଼ି
ମନ ଭରି ଯାଉଥିଲା ପୁଣି
ତୁମ ପ୍ରଥମ ରୋଜଗାରକୁ ପଢ଼ି।
ସତରେ ହେ ପ୍ରିୟ ଛୁଟିଦିନ
ତୁମର ସବୁ ପୃଷ୍ଠା ଲାଗେ ଭାରି ନୂତନ।

*– ଅକ୍ଷୟ କୁମାର ମହାନ୍ତି, ତାଳଚେର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ପ୍ଲାଷ୍ଟିକ୍‌ରୁ ମୁକ୍ତି




ଡ. ରୁବି ମଖୀଜା

**ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପରିବେଶ ପାଇଁ କ୍ଷତିକାରକ ଜାଣିଲେ ବି କମିବା ବଦଳରେ ଦିନକୁ ଦିନ ବଢିବାରେ ଲାଗିଛି ହେଲେ କିଛି ଲୋକ ଅଛନ୍ତି; ଯେଉଁମାନେ ଏହାର ବ୍ୟବହାରକୁ ରୋକିବା ପାଇଁ କରିଛନ୍ତି ଅଭିନବ ପ୍ରୟାସ ...**

**ରୁବିଙ୍କ ମାଗଣା କପଡ଼ା ବ୍ୟାଗ୍:** ପନିପରିବା ହେଉକି ତେଜରାତି ଜିନିଷ କିଣିବାକୁ ଗଲାବେଳେ ଲୋକେ ସାଧାରଣତଃ ଦୋକାନୀ ଦେଉଥିବା ପଲିଥିନ୍ ବ୍ୟାଗ୍‌ରେ ଜିନିଷ ଭର୍ତ୍ତି କରି ନିଅନ୍ତି। କିନ୍ତୁ ଏହି ପଲିଥିନ୍‌ର ବ୍ୟବହାର ଆଗକୁ ଯାଇ କେତେ ଅସୁବିଧା ସୃଷ୍ଟି କରିଥାଏ ସେକଥାକୁ ସମସ୍ତେ ପାସୋରି ଯାନ୍ତି। ସରକାରଙ୍କ ତରଫରୁ ପଲିଥିନ୍ ବ୍ୟାନ୍‌କୁ ନେଇ ବାରମ୍ବାର ସଚେତନତା କରାଯାଉଥିଲେ ବି ଅଳ୍ପ କିଛି ଲୋକ ଏହାକୁ ମାନୁଥିବାବେଳେ ଅଧିକାଂଶ ଏହାକୁ ଅଣଦେଖା କରିଥାନ୍ତି। କିନ୍ତୁ ଦିଲ୍ଲୀର **ଡ. ରୁବି ମଖୀଜା** ନାମକ ଜଣେ ସାମାଜିକ କର୍ମୀ ଲୋକଙ୍କର ପଲିଥିନ୍ ବ୍ୟବହାରକୁ କମାଇବା ପାଇଁ ୨୦୨୧ରୁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ମିଲ୍‌ରୁ ଅବା ଟେଲର୍‌ଙ୍କଠାରୁ ବାହାରୁଥିବା ବଳକା କପଡ଼ାରେ ଅନେକ ଗୁଡ଼ିଏ ବ୍ୟାଗ୍ ତିଆରି କରି ତାହାକୁ ସେ ବିଭିନ୍ନ ଦୋକାନରେ ଯୋଗାଇ ଆସୁଛନ୍ତି ସେପୁଣି ସମ୍ପୂର୍ଣ୍ଣ ମାଗଣାରେ। ଆଉ ଦୋକାନୀକୁ ଅନୁରୋଧ କରୁଛନ୍ତି ଗ୍ରାହକଙ୍କୁ ପଲିଥିନ୍ ବଦଳରେ ଏହି କପଡ଼ା ବ୍ୟାଗ୍‌ରେ ଜିନିଷ ଭର୍ତ୍ତି କରି ଦେବା ପାଇଁ। କିନ୍ତୁ ଏଥିପାଇଁ ଦୋକାନୀକୁ କେବଳ ଗୋଟିଏ ମାତ୍ର କାମ କରିବାକୁ ହୋଇଥାଏ ଯେ, ସେ ଗ୍ରାହକଙ୍କୁ ଉକ୍ତ ବ୍ୟାଗ୍ ମାତ୍ର ୨୦ ଟଙ୍କା ଦେଇ କିଣିବାକୁ ଉତ୍ସାହିତ କରିବେ। ଆଉ ଯେବେ ଗ୍ରାହକ ଜଣଙ୍କ ଉକ୍ତ ବ୍ୟାଗ୍‌କୁ ସୁରକ୍ଷିତ ଅବସ୍ଥାରେ ଆଣି ତାଙ୍କୁ ଫେରାଇଦେବେ ପୁଣି ସେ ତାଙ୍କର ୨୦ ଟଙ୍କା ଫେରି ପାଇଯିବେ। ଅର୍ଥାତ୍ ସମ୍ପୂର୍ଣ୍ଣ ମାଗଣାରେ ଗ୍ରାହକଙ୍କର ମାର୍କେଟ୍‌ରୁ ଜିନିଷ ବୋହିବା କାମ ହୋଇଯିବ। ତା'ସହିତ ଗ୍ରାହକଙ୍କୁ ବି ଆଉ ମାର୍କେଟ୍‌କୁ ଜିନିଷ କିଣିବାକୁ ଆସିଲାବେଳେ କ୍ୟାରି ବ୍ୟାଗ୍ ଆଣିବାର ଟେନ୍‌ସନ୍ ରହିବନି। ଏପଟେ ବି ଦୋକାନୀଙ୍କୁ ମଧ୍ୟ ଗ୍ରାହକଙ୍କୁ ଜିନିଷ ଦେବା ପାଇଁ ଆଉ ପଲିଥିନ୍ କିଣିବାକୁ ପଡିବନି। ଏହି ଉପାୟକୁ ରୁବି 'ବିକଳ୍ପ' ନାମରେ ନାମିତ କରିଛନ୍ତି। ଏହି ଅଭିନବ ପ୍ରୟାସକୁ ଆଉ ଟିକେ ସୁବିଧା କରାଇବା ପାଇଁ ରୁବି ପରେ 'ବିକଳ୍ପ ଷ୍ଟୋର' ନାମରେ ଏକ ସ୍ୱତନ୍ତ୍ର ସ୍କାନର୍ ପେଜ୍ କଲେ। ଆଉ ଏହାକୁ ଦିଲ୍ଲୀର ପ୍ରାୟ ୩୫୦ଟି ଦୋକାନରେ ଲଗାଇ ଦେଇ ସେମାନଙ୍କୁ କିଛି କିଛି କପଡ଼ା ବ୍ୟାଗ୍ ଦେଇଦେଲେ। ଯଦି ଜଣେ ଗ୍ରାହକ ଗୋଟେ ଦୋକାନରୁ ଏହି କପଡ଼ା ବ୍ୟାଗ୍ କିଣି ନେଇ ନିଜ ସୁବିଧା ଅନୁଯାୟୀ, ଅନ୍ୟ କୌଣସି ଦୋକାନରେ ଯେଉଁଠି 'ବିକଳ୍ପ ଷ୍ଟୋର'ର ସ୍କାନର ପେଜ୍ ଲାଗିଥିବ ସେଠାରେ ବି ଯଦି ଏହି ବ୍ୟାଗ୍ ଫେରାନ୍ତି, ସେଇ ଦୋକାନୀ ବି ତାଙ୍କୁ ୨୦ ଟଙ୍କା ଫେରାଇଦେବେ। ଏହି ସୁବିଧା ଯୋଗୁ ଲୋକେ ଏହାକୁ ଅଧିକରୁ ଅଧିକ ପସନ୍ଦ ବି କଲେ। ପରିବେଶ ଅନୁକୂଳ ହୋଇଥିବାରୁ ପରେ ବହୁ ଅନୁଷ୍ଠାନ ବି ରୁବିଙ୍କୁ ସହଯୋଗ କରିବାକୁ ଆଗେଇ ଆସିଲେ। ଯଦ୍ୱାରା ପରବର୍ତ୍ତୀ ସମୟରେ ରୁବି ଅଧିକରୁ ଅଧିକ ଦୋକାନୀଙ୍କୁ କପଡ଼ା ବ୍ୟାଗ୍ ଯୋଗାଇବାକୁ ଚେଷ୍ଟା କଲେ। ଏହାଦ୍ୱାରା କିଛି ଲୋକ ବି କାମ ପାଇଲେ। ଯେଉଁ ଟେଲର୍‌ମାନେ ବ୍ୟାଗ୍ ତିଆରି କଲେ ସେମାନଙ୍କର ବି ରୋଜଗାର ହେଲା। ତା'ସହିତ ପରିବେଶ ପ୍ରଦୂଷଣକୁ କିଛିଟା ରୋକି ହେଲା।



ପ୍ରଦୀପ ସାଙ୍ଗୱାନ

**ପର୍ଯ୍ୟଟନସ୍ଥଳୀରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସଫା କରୁଥିବା ବ୍ୟକ୍ତି :** କୌଣସି ପର୍ଯ୍ୟଟନସ୍ଥଳୀକୁ ବୁଲି ଯିବାବେଳେ, ଯଦି ସେଠାରେ ଅପରିଷ୍କାର ହୋଇଥିବାର ଦେଖନ୍ତି ତେବେ ମନରେ ବିରକ୍ତିଭାବ ଆସିଯାଏ। କିନ୍ତୁ ଅଳିଆ ସେମିତି ପଡିରହେ ସେଇଠି। ହେଲେ ହରିୟାଣାର **ପ୍ରଦୀପ ସାଙ୍ଗୱାନ** ହେଉଛନ୍ତି ଏମିତି ଜଣେ ବ୍ୟକ୍ତି; ଯିଏକି କୌଣସି ପର୍ଯ୍ୟଟନସ୍ଥଳୀକୁ ବୁଲିଗଲାବେଳେ ଯଦି ସେଠାରେ କିଛି ଅଳିଆ ପଡିଥିବାର ଦେଖନ୍ତି, ତା'ହେଲେ ସେ ବୁଲିବା ଛାଡ଼ି ପ୍ରଥମେ ଅଳିଆ ସଫା ଅଭିଯାନରେ ଲାଗିଯାନ୍ତି। ଏହି କାମ ସେ ଆଜକୁ ପ୍ରାୟ ୧୦ ବର୍ଷ ହେବ କରିବା ଆରମ୍ଭ କଲେଣି। ଥରେ ସେ ହୀମାଚଳ ପ୍ରଦେଶ ବୁଲିବାକୁ ଯାଇଥିଲେ। ସେଠାରେ ବରଫାବୃତ୍ତ ପାହାଡ଼ ବୁଲିଲାବେଳେ ଦେଖିଲେ ସ୍ଥାନେ ସ୍ଥାନେ କିଛି ଚିପ୍ସ ଜରି, ଚକୋଲେଟ୍ ଜରି, ପାଣିବୋତଲ ତଥା ଅନ୍ୟାନ୍ୟ ବର୍ଜ୍ୟବସ୍ତୁ ପଡିଛି ; ଯାହାକି ବରଫାବୃତ୍ତ ପାହାଡ଼ର ସୌନ୍ଦର୍ଯ୍ୟକୁ କ୍ଷୁର୍ଣ୍ଣ କରିବା ସହ ପରିବେଶକୁ ପ୍ରଦୂଷଣ ବି କରୁଛି। ବାସ୍ ସେଇଠୁ ସେ ତାଙ୍କର ସଫେଇ ଅଭିଯାନ ଆରମ୍ଭ କଲେ। ତେଣୁ ସେ ନିଜ ଚେଷ୍ଟାରେ ସ୍ଥାନୀୟ କିଛି ଲୋକଙ୍କୁ ସଚେତନ କରାଇ ସେଠାରେ ହିଲିଂ ହିମାଳୟ ନାମରେ ଏକ ଆବର୍ଜନା ସଂଗ୍ରହ ସେଣ୍ଟର ଖୋଲିଲେ। ଆଉ ସେହି ସେଣ୍ଟର ତରଫରୁ ପ୍ରତିଦିନି ପ୍ରଦୀପଙ୍କ ସହ କିଛି ଲୋକ ମିଶି ସେଠାକାର ପାର୍ବତୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ବୁଲିବୁଲି ସେଠାରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିବା ସହ ଅଳିଆ ଆବର୍ଜନାକୁ ବି ଗୋଟେଇ ଆଣୁଥିଲେ। ପରେ ସେହି ଆବର୍ଜନାକୁ ରିସାଇକଲ୍ ପାଇଁ ବିଭିନ୍ନ ରିସାଇକଲ୍ କମ୍ପାନୀମାନଙ୍କୁ ପଠାଇ ଦିଆଯାଉଥିଲା। କ୍ରମେ ପ୍ରଦୀପଙ୍କର ଏହି ପ୍ରୟାସକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗର ହାତ ବଢାଇବା ସହ ସ୍ଥାନୀୟ ସରକାରଙ୍କ ତରଫରୁ ବି ପ୍ରୋତ୍ସାହନ ମିଳିଥିଲା। ସେବେଠାରୁ ପ୍ରଦୀପ କେବଳ ହୀମାଚଳ ପ୍ରଦେଶ ନୁହେଁ ଅନ୍ୟ ଯୁଆଡ଼େ ବି ଯାଆନ୍ତି, ସେଠାରେ ସଫେଇ ଅଭିଯାନ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ନିଜେ ବି ଏହି କାମରେ ସାମିଲ ହୋଇଯାନ୍ତି।

**ମହିଳା ଖୋଲିଲେ ଷ୍ଟିଲର ମାଗଣା କ୍ରୋକେରି ବ୍ୟାଙ୍କ:** ଭୋଜି ସରିଯାଏ, ଅତିଥିମାନେ ଖାଇପିଇ ଚାଲିଯାନ୍ତି। କିନ୍ତୁ ଭୋଜିରେ ବ୍ୟବହୃତ ପ୍ଲାଷ୍ଟିକ୍ ଓ ଥର୍ମୋକୁଲ୍ ପ୍ଲେଟ୍ ଯାଇ ଗଦା ହୁଏ କେଉଁ ଅଳିଆ ଗଦାରେ। ଯାହା ଶଢ଼ିବା କଥା ଶଢ଼େ ନଚେତ୍ ତାହା ସେମିତି ପଡ଼ି ରହି ପରିବେଶକୁ ପ୍ରଦୂଷଣ କରିଥାଏ। ଖରାଦିନେ ଖୋଲାଯାଉଥିବା ଜଳଛତ୍ରମାନଙ୍କର ଅବସ୍ଥା ବି ଏଇଆ। ପାଣି ପିଇ ସାରିବା ପରେ ରାସ୍ତାର ଏଣେ ତେଣେ ପଡିରହେ ପ୍ଲାଷ୍ଟିକର ଗ୍ଲାସସବୁ। ଯାହା ବ୍ୟଥିତ କରେ ଜଣେ ମହିଳାଙ୍କୁ; ଯିଏକି ଏହିସବୁ ଘଟଣାଗୁଡ଼ିକୁ ଲକ୍ଷ୍ୟ କରି ତାହାର ଏକ









ମାଜିନ୍ ମୁଖତାର୍ ଓ ପରମିତା ଶର୍ମା




ସମାଧାନର ବାଟ କାଢ଼ିଛନ୍ତି। ସେ ହେଲେ ହରିୟାଣା ଗୁରୁଗ୍ରାମ୍‌ରେ ରହୁଥିବା **ସମୀରା ସତିଜା** ନାମ୍ନୀ ଜଣେ ସମାଜସେବୀ। ସେ କମ୍ପ୍ଟ୍ରୋଲର୍ ଆଣ୍ଡ ଅଡିଟର୍ ଜେନେରାଲ ଅଫ୍ ଇଣ୍ଡିଆର ଅଡିଟ୍ ବିଭାଗରେ କାମ କରନ୍ତି। ପରିବେଶ ପ୍ରଦୂଷଣକୁ ରୋକିବାକୁ ସେ ଅନେକ ସଂଗଠନ ସହ ମିଶି ବହୁ ଗୁରୁତ୍ୱପୂର୍ଣ୍ଣ କାମ ବି କରିଛନ୍ତି। ୨୦୧୮ ମସିହାରେ ତାଙ୍କ ମୁଣ୍ଡକୁ ଏକ ଉପାୟ ଆସିଲା। ଯେଉଁମାନେ ଭୋଜିଭାତରେ ପ୍ଲାଷ୍ଟିକ୍ ଅବା ଥର୍ମୋକୁଲ୍ ପ୍ଲେଟ୍, ଗିନାର ବ୍ୟବହାର କରୁଛନ୍ତି, ସେମାନେ ଚାହିଁଲେ ଷ୍ଟିଲ୍ ଗିନା, ଥାଳିରେ ବି ଅତିଥିଙ୍କୁ ଖାଦ୍ୟ ପରଷି ପାରିବେ। କିନ୍ତୁ ଏତେ ସଂଖ୍ୟାରେ ଷ୍ଟିଲ୍ ଗିନା, ଥାଳି ସେମାନେ କେଉଁଠୁ ଆଣିବେ। ସେମାନଙ୍କୁ କିଣିବାକୁ ପଡ଼ିବ ନଚେତ୍ କାହାଠାରୁ ଭଡ଼ାରେ ଆଣିବାକୁ ପଡିବ। ଯଦ୍ୱାରା ସେମାନଙ୍କର ଅଧିକ ଖର୍ଚ୍ଚ ବି ହେବ। ତେଣୁ କେହି ରାଜି ହେବେନି। ସେଥିପାଇଁ ସମୀରା ନିଜ ଖର୍ଚ୍ଚରେ ବଡ଼ ଷ୍ଟିଲ୍ ପ୍ଲେଟ୍, ଛୋଟ ଷ୍ଟିଲ୍ ପ୍ଲେଟ, ଗିନା, ଗ୍ଲାସ୍, ଚାମଚ୍‌ରୁ ଶହେ ପିସ୍ ଲେଖାଏଁ କିଣି ଏକ କ୍ରୋକେରି ବ୍ୟାଙ୍କ ନିଜ ଘରେ ଖୋଲିଲେ। ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଆଖପାଖ ଅଞ୍ଚଳରେ ସୂଚନା ଦେଲେ ଯେ, ଯାହାର ବି ଭୋଜିଭାତ ହେବ, ସେମାନେ ଚାହିଁଲେ ଏହି କ୍ରୋକେରି ବ୍ୟାଙ୍କରୁ ଆସି ତାଙ୍କ ଆବଶ୍ୟକତା ଅନୁଯାୟୀ ଜିନିଷ ନେଇପାରିବେ। ଯେତୋଟି ଜିନିଷ ନେବେ, ସେଇ ଅନୁଯାୟୀ ଅଗ୍ରିମ ପଇସା ଦେବେ ଆଉ ଭୋଜି ସରିବା ପରେ ଜିନିଷ ଠିକ୍‌ଠାକ୍ ଫେରସ୍ତ କଲେ ସେମାନଙ୍କ ଅଗ୍ରିମ ପଇସା ବି ସେମାନଙ୍କୁ ଫେରାଇ ଦିଆଯିବ। ଏହାର ଅର୍ଥ ହେଉଛି ସମ୍ପୂର୍ଣ୍ଣ ମାଗଣାରେ ବାସନ ସେବା ଯୋଗାଇଦେବା। ସମୀରାଙ୍କର ଏହି ଉପାୟଟି ଭଲ କାମ ବି ଦେଲା। ଲୋକେ ଆଉ ପ୍ଲାଷ୍ଟିକ୍ କି ଥର୍ମୋକୁଲ୍ ପ୍ଲେଟ୍ ନ କିଣି ମାଗଣାରେ ସମୀରାଙ୍କର ଏହି ଷ୍ଟିଲ୍ ପ୍ଲେଟ୍, ଗିନା, ଗ୍ଲାସ୍‌କୁ ନେଇ ସେମାନଙ୍କର ଭୋଜି କଲେ। ଏପରି କି ସ୍ଥାନୀୟ ଅଞ୍ଚଳରେ ଯେଉଁମାନେ ଖରାଦିନେ ଜଳଛତ୍ର ଖୋଲୁଥିଲେ, ଥଣ୍ଡା ସରବତ୍ ଆଦି ପଥଚାରୀଙ୍କୁ ବାଣ୍ଟୁଥିଲେ, ସେମାନେ ବି ସମୀରାଙ୍କଠାରୁ ସାହାଯ୍ୟ ନେଲେ। ଲୋକଙ୍କର ଚାହିଦାକୁ ଦେଖି ସମୀରା ଆହୁରି କିଛି ଷ୍ଟିଲ୍ ଜିନିଷ କିଣି ନିଜ କ୍ରୋକେରି ବ୍ୟାଙ୍କରେ ସାଇତି ରଖିଲେ। ଧୀରେ ଧୀରେ କିଛି ଅନୁଷ୍ଠାନ ବି ଏହି କାର୍ଯ୍ୟରେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ। ଯଦ୍ୱାରା ସମୀରାଙ୍କ କ୍ରୋକେରି ବ୍ୟାଙ୍କର ଭଲ ନାଁ ହେବାକୁ ଲାଗିଲା। ଆଖପାଖ ଅଞ୍ଚଳ ବ୍ୟତୀତ ଦୂର ସ୍ଥାନରୁ ବି ଲୋକେ ଖବର ପାଇ ସମୀରାଙ୍କଠାରୁ ବାସନ ନେବା ପାଇଁ ଆଗ୍ରହ ପ୍ରକାଶ କଲେ। ଯାହାକୁ ନଜରରେ ରଖି ସେ କ୍ରମେ ୨/୩ ଅନୁଷ୍ଠାନକୁ ଏହି ଦାୟିତ୍ୱ ଦେଲେ। ସେବେଠାରୁ ଏହି କ୍ରୋକେରି ବ୍ୟାଙ୍କର ସୁବିଧା ସେଠାକାର ଲୋକମାନେ ନେଉଛନ୍ତି ଆଉ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବାକୁ ଚେଷ୍ଟା କରୁଛନ୍ତି।

**ଗାଁକୁ ପ୍ଲାଷ୍ଟିକ୍ ମୁକ୍ତ କରିବାକୁ ଚା' ବ୍ୟବସାୟୀଙ୍କ ପ୍ରୟାସ:** ଉତ୍ତରପ୍ରଦେଶ ବିସଲପୁରସ୍ଥିତ ଜଣେ ଚା' ବ୍ୟବସାୟୀ ହେଲେ **କାନାରାମ ମେୱାଡ**। ଥରେ ସେ ଖବରକାଗଜରୁ ଜାଣିବାକୁ ପାଇଲେ ଯେ ଭାରତରେ ପ୍ରତିବର୍ଷ ପ୍ରାୟ ୩.୫ ମିଲିୟନ୍ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି, ଯାହାକି ପରିବେଶ ପ୍ରଦୂଷଣକୁ ବହୁତ ବଢାଇ ଦେଉଛି। ଏହି ଖବରଟି ତାଙ୍କୁ ଦୋହଲାଇ ଦେଇଥିଲା। ସେ ଚିନ୍ତା କଲେ, ଲୋକେ ଯେ ପର୍ଯ୍ୟନ୍ତ ନିଜେ ସଚେତନ ନ ହୋଇଛନ୍ତି, ସେ ପର୍ଯ୍ୟନ୍ତ ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ ନାହିଁ। ତେଣୁ ସେ ନିଜ ଉଦ୍ୟମରେ ନିଜ ଗାଁ ଓ ଏହାର ଆଖପାଖ ଅଞ୍ଚଳକୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁମୁକ୍ତ କରିବା ପାଇଁ ଅଣ୍ଟା ଭିଡ଼ିଲେ। ତାଙ୍କୁ ସାହାଯ୍ୟ କରିବାକୁ ଗାଁର ଜଣେ ବ୍ୟକ୍ତି; ଯିଏକି ମୁମ୍ବାଇସ୍ଥିତ ଏକ ଏନ୍‌ଜିଓରେ କାମ କରୁଥିଲେ, ସିଏ ଆଗେଇ ଆସିଲେ। ସେମାନେ ଜାଣିବାକୁ ପାଇଲେ ଯେ, ତାଙ୍କ ଗାଁଠାରୁ କିଛି କି.ମି. ଦୂରରେ ଏକ ରିସାଇକଲ୍ କମ୍ପାନୀ ରହିଛି; ଯେଉଁଠାରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ପୁନଃଚକ୍ରଣ କରାଯାଇ ସେଥିରୁ କିଛି ଆବଶ୍ୟକ ଜିନିଷ ତିଆରି କରାଯାଉଛି। ବାସ୍ ତା'ପରଠୁ କାନାରାମ ଗାଁକୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁମୁକ୍ତ କରିବା ପାଇଁ ପ୍ରଥମେ ଘର ଘର ବୁଲି ଲୋକଙ୍କୁ ପ୍ଲାଷ୍ଟିକ୍ ଜରି, ଡବା, ବୋତଲ ଏଣେତେଣେ ନ ଫୋପାଡ଼ି ଘରେ ଗୋଟେ ଜାଗାରେ ରଖିବାକୁ କହିଲେ। ତା'ସହିତ ଯେଉଁମାନେ ଏହି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁକୁ ସଂଗ୍ରହ କରି ତାଙ୍କ ଦୋକାନରେ ତାଙ୍କୁ ଦେବେ, ତା' ବଦଳରେ ସେ ସେମାନଙ୍କୁ କିଛି କିଛି ଉପହାର ଦେବେ ବୋଲି ପ୍ରତିଶ୍ରୁତି ଦେଲେ। ଉପହାର ପାଇବା ଆଶାରେ ଲୋକେ ପ୍ଲାଷ୍ଟିକ୍ ଆବର୍ଜନାକୁ ଆଣି ଦେବାକୁ ଲାଗିଲେ। ଛୋଟ ଛୋଟ ପିଲାମାନେ ବି ରାସ୍ତାଘାଟ ଯେଉଁଠି କିଛି ଜରି, ପ୍ଲାଷ୍ଟିକ୍ ବୋତଲ ଅବା ପ୍ଲାଷ୍ଟିକ୍ ଜିନିଷ ପଡିଥିବାର ଦେଖିଲେ ତାକୁ ଗୋଟାଇ ଆଣି କାନାରାମଙ୍କୁ ଦେଲେ। କାନାରାମ ପିଲାଙ୍କୁ ବିସ୍କୁଟ୍ ପେନ୍‌ସିଲ୍, ପେନ୍, ଖାତା, କଲମ ଦେଉଥିବାବେଳେ ବୟସ୍କଙ୍କୁ ଗଛ, ଚିନି, ଆଳୁ ଆଦି ଦେଉଥିଲେ। ଏହି ଅଭିନବ ଉପାୟ ଦ୍ୱାରା ତାଙ୍କୁ ଟିକେ ଖର୍ଚ୍ଚାନ୍ତ ହେବାକୁ ସିନା ପଡ଼ିଲା ହେଲେ ଖୁବ୍ କମ୍ ଦିନ ଭିତରେ ତାଙ୍କ ଗାଁର ରାସ୍ତାଘାଟ, ନଈ, ପୋଖରୀ ତୁଠ, ବିଲବାଡ଼ି ଆଦି ଆବର୍ଜନାମୁକ୍ତ ହୋଇଗଲା। କାନାରାମ ନିଜ ଦୋକାନ ପଛପଟେ ଅଳିଆ ଆବର୍ଜନା ରଖିବା ପାଇଁ ଏକ ଘର କରିଥିଲେ। ପ୍ରତିଦିନ ଯେଉଁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ଆସୁଥିଲା, ସେସବୁକୁ ସଫାକରି ଏକ ଗଣ୍ଠିଲି କରୁଥିଲେ। ଆଉ ମାସକୁ ଥରେ ତାକୁ ନେଇ ରିସାଇକଲ୍ କମ୍ପାନୀରେ ଦେଉଥିଲେ। ବେଳେବେଳେ କମ୍ପାନୀରୁ ବର୍ଜ୍ୟବସ୍ତୁକୁ ରିସାଇକଲ୍ କରି ତିଆରି ହୋଇଥିବା କିଛି ଆଖିଦୃଶିଆ ଜିନିଷକୁ ଆଣି ନିଜ ଦୋକାନରେ ରଖି ଲୋକଙ୍କୁ ଦେଖାଉଥିଲେ। ଯଦ୍ୱାରା ଲୋକେ ଆହୁରି ସଚେତନ ହେଲେ। ୨୦୨୧ ମସିହାରୁ କାନାରାମଙ୍କ ଏହି ଛୋଟିଆ ପ୍ରୟାସ ଯୋଗୁ ତାଙ୍କ ଗାଁ ଓ ଆଖପାଖ କେତୋଟି ଗାଁ ଏବେ ପ୍ରଦୂଷଣମୁକ୍ତ ହୋଇପାରିଛି।

**ସ୍କୁଲ୍ ଫି' ବଦଳରେ ଜମା କରିବେ ପ୍ଲାଷ୍ଟିକ୍ ଆବର୍ଜନା:** ଆସାମରେ ପାମୋହି ନାମକ ଏକ ସ୍ଥାନରେ ଏମିତି ଏକ ସ୍କୁଲ ରହିଛି; ଯେଉଁଠାରେ ସ୍କୁଲ୍ ଫି' ବାବଦରେ ପିଲାଙ୍କଠାରୁ ଟଙ୍କାଟିଏ ବି ନିଆଯାଏ ନାହିଁ। ଏହା ପରିବର୍ତ୍ତେ ସେମାନଙ୍କୁ ପ୍ରତି ଶୁକ୍ରବାର ଦିନ ଅଦରକାରୀ ପ୍ଲାଷ୍ଟିକ୍ ବୋତଲ, ପଲିଥିନ୍, ଚକୋଲେଟ୍ ଜରି, ଚିପ୍ସ ଜରି ଆଦି ସଂଗ୍ରହ କରି ଆଣି ସ୍କୁଲ୍‌ରେ ଜମା କରିବାକୁ କୁହାଯାଇଥାଏ। କାରଣ ଆସାମର ଏହି ସ୍ଥାନର ଲୋକେ ଅଳିଆ ଆବର୍ଜନାକୁ ଏଣେ ତେଣେ ଫିଙ୍ଗି ପରିବେଶକୁ ଖୁବ୍ ପ୍ରଦୂଷଣ କରିଥାନ୍ତି। ଦୁର୍ଗନ୍ଧ ହେଲେ ଆବର୍ଜନା, ପ୍ଲାଷ୍ଟିକ୍ ଜିନିଷକୁ ପୋଡ଼ି ଦିଅନ୍ତି। ଏହାର ଧୂଆଁ ଯେ କେତେ ବିପଦଜନକ ତାହା ସେମାନେ ଜାଣି ନଥାନ୍ତି। ଏଠାରେ ଶିକ୍ଷାକୁ ବି ବେଶି ଗୁରୁତ୍ୱ ଦିଆଯାଇ ନ ଥାଏ। ଏହି କଥାକୁ ହୃଦୟଙ୍ଗମ କରି **ପରମିତା ଶର୍ମା ଓ ମାଜିନ୍ ମୁଖତାର୍** ନାମକ ଦୁଇ ବନ୍ଧୁ ୨୦୧୬ ମସିହାରେ ଏଠାରେ ଏହି ନିଆରା ବିଦ୍ୟାଳୟ ଖୋଲିଲେ। ଫି' ଦେଇ ପଢ଼ିଲେ ପିଲା କାଳେ ଆସିବେନି ସେଥିପାଇଁ ସେମାନେ ଫି'ମୁକ୍ତ ବିଦ୍ୟାଳୟ କରି ଆବର୍ଜନାକୁ ପିଲାଙ୍କଠାରୁ ଗ୍ରହଣ କଲେ। ସେହି ଆବର୍ଜନାକୁ କିଭଳି ରିସାଇକଲ୍ କରି ପୁନଃବ୍ୟବହାର ଯୋଗ୍ୟ କରାଯାଇପାରିବ, ସେ ଶିକ୍ଷା ବି ପିଲାଙ୍କୁ ଦେଲେ। ଯେଉଁଥିପାଇଁ ଉଭୟ ଶିକ୍ଷା ହେଉକି ପ୍ରଦୂଷଣମୁକ୍ତି କ୍ଷେତ୍ରରେ ଏହି ଗାଁ ଏବେ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ପାଲଟିପାରିଛି।

ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା କ୍ଷେତ୍ରରେ ଏହି ବ୍ୟକ୍ତିମାନଙ୍କର ଅଭିନବ ପ୍ରୟାସକୁ ଯଦି ଅନ୍ୟମାନେ ବି ଅନୁସରଣ କରନ୍ତେ, ତା'ହେଲେ ଆମ ପୃଥିବୀର ଅନେକ ଉପକାରିତା ହୋଇପାରନ୍ତା।

**–ଅନ୍ୱିତା ମିଶ୍ର**



ସମୀରା ସତିଜା




# ନିଆରା ବେଞ୍ଚ

**ପାର୍କ ହେଉ କି ଘର ଅବା ଦୋକାନ ବଜାର ସବୁଠି ଥାଏ ବେଞ୍ଚ । ବେଶ୍ ସାଧାରଣ ଏହି ବେଞ୍ଚ । ହେଲେ କିଛି ସ୍ଥାନରେ ଅଛି ଏମିତି କିଛି ବେଞ୍ଚ, ଯାହାକି ଖୁବ୍ ନିଆରା ଓ ଆକର୍ଷଣୀୟ...**



**ବୁକ୍ ବେଞ୍ଚ:** ଗ୍ରେଟ୍ ଲାଇବ୍ରେରୀ ଅଫ୍ ଆଲେକ୍‌ଜାଣ୍ଡ୍ରିଆ ହେଉଛି ପୁରାତନ ସମୟର ଏକ ବିରାଟ ଲାଇବ୍ରେରୀ, ଯାହାକି ଇଜିପ୍ଟର ଆଲେକ୍‌ଜାଣ୍ଡ୍ରିଆରେ ଅଛି । ହେଲେ ଦୁଃଖର କଥା ଦିନେ ଅନେକ ଅଗ୍ନିକାଣ୍ଡ ଘଟି ଏହା ବହୁ କ୍ଷତିଗ୍ରସ୍ତ ହୋଇଯାଇଥିଲା । ୧୯୭୪ରେ ଉକ୍ତ ଲାଇବ୍ରେରୀର ପୁନରୁତ୍‌ଥାନ ପାଇଁ ଏକ କମିଟି ଗଠନ କରାଗଲା । କମିଟି ଗଠନର ବହୁ ବର୍ଷ ପରେ ଏହାର ପୁନରୁତ୍‌ଥାନ କାମ ହେଲା । ଏହି ଆଧୁନିକ ଲାଇବ୍ରେରୀ ପୁରାତନ ଲାଇବ୍ରେରୀଠୁ ଅଧିକ ଆକର୍ଷଣୀୟ ହେଲା । ଏଠାରେ ୮ ମିଲିୟନ ବହି ରହିବା ପାଇଁ ସ୍ଥାନ ଅଛି । ଏହାର ମୁଖ୍ୟ ରିଡିଂ ରୁମ୍ ଖୁବ୍ ଆକର୍ଷଣୀୟ । ଏହାର ଇଣ୍ଟେରିୟର ଡିଜାଇନ ବି ବହୁତ ସୁନ୍ଦର । ତନ୍ମଧ୍ୟରେ ଗୋଟିଏ ଜିନିଷ ଏଠି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରେ । ତାହା ହେଉଛି ଏକ ଖୋଲା ବହି ଡିଜାଇନ୍‌ର ବେଞ୍ଚ, ଯାହାକି ପୁସ୍ତକପ୍ରେମୀଙ୍କୁ ବହୁତ ଭଲ ଲାଗେ । ଉକ୍ତ ବହିରେ ସେକ୍ସପିୟରଙ୍କର ଅନେକ କବିତା ଖୋଦେଇ ହୋଇଛି, ଯେଉଁଥିରେ ସନେଟ୍ ନଂ. ୧୨ ଅନ୍ୟତମ ।










**ଖବରକାଗଜ ବେଞ୍ଚ:** ଚାର୍ଲସ କେଇଜିନ ତିଆରି କରିଛନ୍ତି ଏହି ଖାସ୍ ଡିଜାଇନ୍‌ର ବେଞ୍ଚକୁ । ଏହାକୁ ଦେଖିଲେ ଲାଗିବ ସତେ ଯେମିତି ଥାକେ ଖବରକାଗଜକୁ ଗୋଲାକାରରେ ରଖି ସେଥିରୁ କିଛିକୁ ବାହାର କରି ଦିଆଯାଇଛି । ପିଜ୍ଜାର ଏକ ପିସ୍ ବାହାର କରିଦେଲେ ଯେମିତି ଦେଖାଯାଏ ଏହି ବେଞ୍ଚ ଦେଖିବାକୁ ସେମିତି ଲାଗେ ।

**ପେନ୍‌ସିଲ ବେଞ୍ଚ:** ୧୬୦୦ ଗୋଲାପୀ ରଙ୍ଗର ପେନ୍‌ସିଲରେ ତିଆରି ହୋଇଛି ଏହି ବେଞ୍ଚ । ଏହାର ବସିବା ସ୍ଥାନ ବା ସିଟ୍‌ଟି ସତସତିକା ପେନ୍‌ସିଲରେ ତିଆରି । ଏହା ଦେଖିବାକୁ ପିତାମହ ଭୀଷ୍ମଙ୍କ ଶରଶଯ୍ୟା ଭଳି ଲାଗେ । କେସତୂହଳର କଥା ହେଲା ବେଞ୍ଚରେ ବ୍ୟବହାର ହୋଇଥିବା ପ୍ରତି ପେନ୍‌ସିଲ୍‌କୁ ବାହାର କରି ବ୍ୟବହାର ବି କରିହୁଏ । ବୋଏକ୍ସ ୩ଡି କ୍ରିଏଟିଭ ସଲ୍ୟୁସନ୍ସ ଏହି ବେଞ୍ଚକୁ ଡିଜାଇନ୍ କରିଛି ।

**ଲେଟର୍ ବେଞ୍ଚ:** ବ୍ରିଷ୍ଟୋଲରେ ଥିବା ଏକ ହସ୍ପିଟାଲରେ ଅଛି ଏହି ବେଞ୍ଚ, ଯାହାକି ଦେଖିବାକୁ ଏକ ଫୋଲ୍ଡ ହୋଇଥିବା ପୋଷ୍ଟ କାର୍ଡ ଭଳି, ଯାହା ଉପରେ ଲେଖାଯାଇଛି ମନର କିଛି କଥା । ପ୍ରକୃତରେ ଜଣେ ରୋଗୀଙ୍କ ହାତ ଲେଖା ଚିଠିରୁ ପ୍ରେରଣା ପାଇ ଏହି ବେଞ୍ଚ ତିଆରି କରାଯାଇଛି । ଏହି ଲେଟର୍ ବେଞ୍ଚରୁ ନୂଆ ରୋଗୀମାନେ ଏଠାକାର ରହଣି କେମିତି ରହିବ ଜାଣିପାରିବେ ।




**ସୋଲାର ବେଞ୍ଚ:** ଏହା ହେଉଛି ଏକ ମଡର୍ନ ଟେକ୍ନୋଲୋଜିର ବେଞ୍ଚ । କାରଣ ଏଥିରେ ସୋଲାର ପ୍ୟାନେଲ ଲାଗିଛି । ତେଣୁ ପାର୍କରେ ପଡ଼ିଥିବା ଏହି ବେଞ୍ଚରେ ବସି ଆରାମ କରିବା ସହ ମୋବାଇଲ ଚାର୍ଜ କରିହେବ । ରାତିରେ ଜଳୁଥିବା ଲାଇଟ୍ ବି ଏହାଦ୍ୱାରା ଜଳିଥାଏ । ଏହା ଆଲୁମିନିୟମ ଓ ରିସାଇକେଲ ହୋଇଥିବା ପ୍ଲାଷ୍ଟିକରେ ତିଆରି ।

**ରିବ୍ସ ବେଞ୍ଚ:** ଏହି ବେଞ୍ଚ ଦେଖିବାକୁ ମଣିଷର ପିଞ୍ଜରା ହାଡ଼ ଭଳି । ଏହାକୁ ଡିଜାଇନ୍ କରିଛନ୍ତି ଅଷ୍ଟ୍ରେଲିଆ, ସିଡନୀରେ ରହୁଥିବା ଷ୍ଟେଫାନ ଲି ।

**ରୋଟେଟିଂ ବେଞ୍ଚ:** ଏହି ବେଞ୍ଚର ପାର୍ଶ୍ୱରେ ଥାଏ ଏକ ହାଣ୍ଡେଲ, ଯାହାକୁ ବୁଲାଇଲେ ବେଞ୍ଚର ସିଟ୍ ବୁଲି ଉପର ତଳ ହୁଏ । ଅର୍ଥାତ୍ ଯଦି ବର୍ଷାରେ ଏହି ବେଞ୍ଚର ସିଟ୍ ଓଦା ହେଇଯାଏ, ହ୍ୟାଣ୍ଡେଲକୁ ବୁଲାଇଲେ ସିଟ୍ ବୁଲିଯାଇ ତଳଭାଗର ସୁଖିଲା ଭାଗ ଉପରକୁ ଚାଲିଆସେ ।

# ଚିତ୍ରକର ଚିତ୍ରରେ ଯାତ୍ରାକରେ



**କେ**ବେ ପ୍ରକୃତିର ରୂପବର୍ଣ୍ଣାଳୀ ତ ପୁଣି କେବେ ପାରମ୍ପରିକ କଳା ସଂସ୍କୃତିକୁ ନେଇ ସେ ଚିତ୍ର ଆଙ୍କନ୍ତି। ଚିତ୍ରକଳା ପାଇଁ ଓଡ଼ିଶା ଲଳିତକଳା ଏକାଡେମୀ ସମେତ ବିଭିନ୍ନ ସଂସ୍ଥାରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ। ସେ ଓଡ଼ିଶାର ସର୍ବପ୍ରଥମ ଖଲ୍ଲିକୋଟ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ହେଲେ **ସୁବ୍ରତ କୁମାର ମଲ୍ଲିକ**। ଜନ୍ମ ୧୬.୧୦.୧୯୬୫ରେ। ମାତା ସତ୍ୟଭାମା ମଲ୍ଲିକ, ପିତା ଶ୍ରୀଚରଣ ମଲ୍ଲିକ। ଘର କେନ୍ଦ୍ରାପଡ଼ା ଜିଲାର ଆଳି ଥାନା ଅଧୀନ ହଦୁଆ ଗାଁରେ।

ସେ କୁହନ୍ତି, 'ଗାଁରେ ପାଳିତ ହେଉଥିବା ଖୁଦୁରୁକୁଣୀ ଓଷାର ମୃଣ୍ମୟୀ ମୂର୍ତ୍ତି ସହ ରାମଚରିତ ମାନସରେ ହେଉଥିବା ମେଢ଼ ଦେଖିବାକୁ ପିଲାଦିନେ ଖୁବ୍ ଭଲ ଲାଗୁଥିଲା। ସେ ସବୁ ଦେଖିଲା ପରେ ଆପେ ଆପେ ମୋ ମନରେ ଚିତ୍ରକଳା ପ୍ରତି ଆଗ୍ରହ ସୃଷ୍ଟି ହୋଇଥିଲା। ମେଢ଼ ଓ ମୂର୍ତ୍ତି କେମିତି ତିଆରି କରିପାରିବି ସେ ଚିନ୍ତା ଘାରୁଥିଲା। ଆସ୍ତେ ଆସ୍ତେ ମୂର୍ତ୍ତି ଗଢିବାରେ ମନ ଦେଲି । ଆଉ ମୋ ମୂର୍ତ୍ତି ସମସ୍ତଙ୍କୁ ଭଲ ଲାଗିଲା। ବିଭିନ୍ନ ପକ୍ଷୀ, ହନୁମାନ, ବିଭିନ୍ନ ଦେବଦେବୀଙ୍କ ଚିତ୍ର ଗାଁ ମନ୍ଦିର ମଠ ଓ ଭାଗବତ ଘର ଆଦିରେ ଅଙ୍କନ କଲି। ସମସ୍ତଙ୍କଠାରୁ ବହୁତ ପ୍ରଶଂସା ବି ପାଇଲି। ଆମ ଗାଁ ଚାରିପଟେ ନଦୀ ବହିଯାଇଛି। ତା'ର ପ୍ରାକୃତିକ ଚିତ୍ର ଅଙ୍କନ କରିବାକୁ ମନ ବଳିଲା। ନଦୀ ବନ୍ଧରେ ଠିଆ ହୋଇ ତା'ର ପ୍ରାକୃତିକ ଦୃଶ୍ୟ ଦେଖି ଚିତ୍ର ଅଙ୍କନ କରିବା ଅଭ୍ୟାସ ମୋର ଚାଲୁ ରହିଲା।ମୋର ପାଠପଢା କହିଲେ ଗୋବିନ୍ଦପୁର ଗୋଦାବରୀଶ ବିଦ୍ୟାପୀଠ, ପରେ ଚିତାଳୋ ହାଇସ୍କୁଲ ଯାଜପୁରରୁ ସ୍କୁଲ ପାଠ ସରେ। ହେଲେ ପାଠପଢ଼ାରେ କିନ୍ତୁ ମୋର ମନ ନ ଥାଏ। ବରଂ ଚିତ୍ରକଳା ପ୍ରତି ଅଧିକ ଆଗ୍ରହ ଥାଏ। ଚିତ୍ରକଳା କେଉଁଠି ଶିକ୍ଷା ଦିଆଯାଉଛି ତାହା ଜାଣିବାକୁ ଚାହୁଁଥିଲି। ଥରେ ଗାଁର କୃଷ୍ଣ ମହାନ୍ତି ସାର୍‌ଙ୍କ ଘରେ ଏକ ସୁନ୍ଦର ପ୍ରାକୃତର ଚିତ୍ରକୁ ଦେଖି ଖୁବ ଭଲ ଲାଗିଥିଲା। ସେହି ଚିତ୍ରଟି କିଏ ଅଙ୍କନ କରିଛନ୍ତି ବୋଲି ପଚାରିବାରୁ କୃଷ୍ଣ ସାର୍ କହିଲେ ଯେ ସେହି ଚିତ୍ରଟିକୁ ତାଙ୍କ ସାନଭାଇ ଅଙ୍କନ କରିଛନ୍ତି। ଯିଏକି ବିଶ୍ୱ ଭାରତୀ ଶାନ୍ତି ନିକେତନର କଳାଭବନରେ ପାଠ ପଢିଛନ୍ତି। ସେଇଠୁ ମନରେ ଆସିଲା ମୁଁ ଯେମିତି ହେଲେ ସେଠାରେ ପାଠ ପଢିବି। ସାରଙ୍କ ଭାଇଙ୍କ ଠିକଣା ଆଣି ତାଙ୍କୁ ଚିଠି ଦେଲି। ସମୟକ୍ରମେ ସେଠାରେ ନାମ ଲେଖା ପାଇଁ ଇଣ୍ଟରଭ୍ୟୁ ଦେଲି ହେଲେ ସେଠାରେ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇପାରି ନ ଥିଲି। ଏହା ପରେ ଖଲ୍ଲିକୋଟ ଆର୍ଟ କଲେଜରେ ପଢିବା ପାଇଁ ଇଣ୍ଟରଭ୍ୟୁ ଦେଲି। ସେଠାରେ ବି ବିଫଳ ହେଲି । ଏମିତି ଅପେକ୍ଷାରେ ପ୍ରାୟ ୪ବର୍ଷ ବିତିଗଲା। ଶେଷରେ ୧୯୮୪ମସିହାରେ ଭୁବନେଶ୍ୱର ବିକେ ଆର୍ଟ କଲେଜରେ ଫାଇନ ଆର୍ଟ ପେଣ୍ଟିଂରେ ଶିକ୍ଷା ଲାଭ କଲି। ଭୁବନେଶ୍ୱର ଆସିଲା ପରେ ଧଉଳି ଓ ଖଣ୍ଡଗିରି ଆଦି ସ୍ଥାନକୁ ଯାଇ ସେଠାକାର ବିଭିନ୍ନ ଦୃଶ୍ୟ ଦେଖି ଚିତ୍ର ଅଙ୍କନ କଲି। ଚିତ୍ର ଶିକ୍ଷାରେ ୫ବର୍ଷିଆ କୋର୍ସ ସାରି ରିସର୍ଚ୍ଚ କଲି ଓ ସେଥିରେ ସଫଳ ହେଲି। ଭାରତ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଭିଜୁଆଲ ଆର୍ଟରେ ମଧ୍ୟ ୨ବର୍ଷିଆ ଛାତ୍ରବୃତ୍ତି କୋର୍ସ ସାରିଲି। ଏହା ମୋତେ ଆଗୁକୁ ଯିବାରେ ଅଧିକ ସୁଯୋଗ ସୃଷ୍ଟିକଲା। ପରେ ଲୋକସେବା ଆୟୋଗ ଦ୍ୱାରା ମନୋନୀତ ହୋଇ ଜଣେ ଅଧ୍ୟାପକ ଭାବେ ଖଲ୍ଲିକୋଟ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ନିଯୁକ୍ତି ପାଇଲି। ଏହାବାଦ ଆଇଆଇଟି ଖଡ଼ଗପୁରରୁ ଭିଜୁଆଲ କମ୍ୟୁନିକେଶନ କୋର୍ସ ସାରିଛି। ବିଶ୍ୱ ଭାରତୀ ବିଶ୍ୱବିଦ୍ୟାଳୟ ରୁ ୟୁଜିସି ରିଫ୍ରେସର କୋର୍ସ କରି ସାରିଛି।

ଇମିଗ୍ରେଶନ ଉପରେ ଚିତ୍ର କରିବାକୁ ବେଶି ପସନ୍ଦ କଲି। ଯେମିତି କି ଆମ ଗାଁରେ ରହୁଥିବା ଅନେକ ଜ୍ଞାନୀଗୁଣି ବ୍ୟକ୍ତି ସମୟକ୍ରମେ ପେଟପାଟଣା ଲାଗି କେହି କେହି ଚାକିରି ତ କେହି ବ୍ୟବସାୟ ଲାଗି ଗାଁ ଠାରୁ ଦୂର ସହରରେ ରହିଲେ। ସେମାନେ ଆଉ ଗାଁକୁ ଫେରିବାକୁ ଇଚ୍ଛାକଲେନି। ଏଥିଯୋଗୁ ଗାଁର ବହୁ ଯୋଗ୍ୟ ପ୍ରତିଭା ଓ ଦକ୍ଷତା ଥିବା ବ୍ୟକ୍ତିଙ୍କ ଅଭାବ ହେଲା। ଯାହାଦ୍ୱାରା ପରବର୍ତ୍ତୀ ପିଢିଙ୍କୁ ଗାଇଡ୍ କରିବା ପାଇଁ ଦକ୍ଷ ଓ ବିଜ୍ଞ ଲୋକଙ୍କ ଅଭାବ ରହିଲା। ଗାଁ ଯେମିତି ମୁରବୀ ଶୂନ୍ୟ ହେଇଗଲା। ଅନେକ ପରିବର୍ତ୍ତନ ଘଟିଲା, ଯାହାର ସିଧାସଳଖ ପ୍ରଭାବ ଗାଁର ଯୁବପିଢି ଓ କଳା ସଂସ୍କୃତି ଉପରେ ପଡ଼ିଲା। ସେମିତି କେତେକ ଘଟଣାକୁ ଅନୁଭବ କରି ସିରିଜ ଭାବେ ଚିତ୍ରରେ ସ୍ଥାନ ଦେଇଛି। ପରିବେଶ ସୁରକ୍ଷା ପାଇଁ ଭିତରକନିକା ହେନ୍ତାଳବନର ସୁରକ୍ଷା ଆଦି ଚିତ୍ରକରି ତା'ର ସୁରକ୍ଷା ସମ୍ପର୍କରେ ଜନସଚେତନତା କରିଥାଏ। ପ୍ରାୟ ୩୧ବର୍ଷ ଧରି ଚାକିରି କରିବା ସହ ବିଭିନ୍ନ ସ୍ଥାନରେ ଚିତ୍ର ପ୍ରଦର୍ଶନୀ କରିସାରିଲିଣି। ପୌରାଣିକ ତଥ୍ୟକୁ ଆଧାରକରି ମଧ୍ୟ ଚିତ୍ର ଆଙ୍କିଥାଏ। ସତ କହିବାକୁ ଗଲେ ଜଣେ ଚିତ୍ରକର ହତାସା ଓ ନିରାଶା ମଧ୍ୟରୁ ବି ସଫଳତା ପାଇଥାଏ। ଥରେ ମୋର ଏକ ଚିତ୍ରକୁ ଦେଖି ବିଶିଷ୍ଟ ଚିତ୍ରଶିଳ୍ପୀ ଅସୀମ ବସୁ କହିଥିଲେ, 'ସୁବ୍ରତ ତୁମେ ସବୁବେଳେ ଉପରକୁ ଯାଇ ଲ୍ୟାଣ୍ଡ ସ୍କେପର ଚିତ୍ର କରୁଛ। ହେଲେ କେଉଁଥିରେ ଯାଉଛ ? ହେଲିକପ୍ଟରରେ ନା ଡ୍ରୋନରେ ! ମୁଁ କହିଥିଲି ପ୍ରକୃତି ସବୁବେଳେ ସୁନ୍ଦର। ତାକୁ ଉପରୁ ଦେଖିଲେ ସୁନ୍ଦର ଭାବେ ଦେଖିହେବ। ତା' ଭିତରେ ମୋତେ ହଜିବାକୁ ପଡ଼ିଥାଏ। ଜଣେ ଚିତ୍ରକର ଯେତେବେଳେ ଚିତ୍ରରେ ଯାତ୍ରାକରେ ସେତେବେଳେ ତା' ମନଭିତରେ ଗୋଟେ ଛବି ଆସେ । ସେ ଛବିକୁ ସେ ଆଙ୍କିଥାଏ।

ମୁଁ ବହୁତ ସ୍ଥାନରେ ଚିତ୍ର ପ୍ରଦର୍ଶନୀ କରିଛି। ଯାହା ମଧ୍ୟରେ ଓଡ଼ିଶା ଲଳିତକଳା ଏକାଡେମୀଠରେ ଓଡ଼ିଶା ରାଜ୍ୟ ଫାଇନ ଆର୍ଟ ପ୍ରଦର୍ଶନୀ, ରିଜିଓନାଲ ସେଣ୍ଟର ଅଫ ଭୁବନେଶ୍ୱର, ମାଡ୍ରାସ, ଗୁଆହାଟୀ, କୋଲକାତା, ମୁମ୍ବାଇ, ନୂଆଦିଲ୍ଲୀ, ବେଙ୍ଗାଲୁରୁ, ଛତିଶଗଡ଼, ସର୍ବଭାରତୀୟ ଫାଇନ ଆର୍ଟ ଆଣ୍ଡ କ୍ରାଫ୍ଟ ସୋସାଇଟି ନୂଆଦିଲ୍ଲୀ ଆଦି ସ୍ଥାନରେ ଚିତ୍ର ପ୍ରର୍ଦଶନ କରିଥିବା ବେଳେ ଶାନ୍ତିନିକେତନ, ରବୀନ୍ଦ୍ର ଭବନ ନୂଆଦିଲ୍ଲୀ, ବେଙ୍ଗାଲୁରୁ, ପୋର୍ଟବ୍ଲେୟାର, ଛତିଶଗଡ଼, କୋଣାର୍କ, ଭୁବନେଶ୍ୱର, ନାକ୍ଷୋ, ଏକାଡେମୀ ଅଫ ଫାଇନ ଆର୍ଟ କୋଲକାତା, ଲଳିତକଳା ଏକାଡେମୀ ନୂଆଦିଲ୍ଲୀ, ଭୋପାଳ, ମଧ୍ୟପ୍ରଦେଶ ଆଦି ଅନ୍ତର୍ଭୁକ୍ତ। ତାଙ୍କର ଏହି ଚିତ୍ରକଳା ପାଇଁ ସେ ବିଭିନ୍ନ ସ୍ଥାନରୁ ସମ୍ମାନିତ ଓ ପୁରସ୍କୃତ ହୋଇଛନ୍ତି। ଯାହା ମଧ୍ୟରେ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ଦ୍ୱାରା କାର୍‌ଗିଲ ଯୁଦ୍ଧକୁ ନେଇ କରିଥିବା ଆର୍ଟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ୨୦୨୨ ,୨୦୨୩ ଓ ୨୦୨୪ରେ ଫେଲିସିଏଟେଡ, ଭୁବନେଶ୍ୱର ସାହିତ୍ୟ ସମାଜ,ଏପିଜେ ଅବଦୁଲ କଲାମ ଜନକଲ୍ୟାଣ ଟ୍ରଷ୍ଟ, ମଧ୍ୟପ୍ରଦେଶ ସଂସ୍କୃତି ପରିଷଦ, ବିହାରରୁ ଫାଇନ ଆର୍ଟ ପାଇଁ ପୁରସ୍କାର ଆଦି ରହିଛି। ଏହାସହ ସେ ଉତ୍କଳ ବିଶ୍ୱବିଦ୍ୟାଳୟ ବୋର୍ଡ ଅଫ ମ୍ୟାନେଜମେଣ୍ଟ ଓ ଏକାଡେମୀକ କାଉନସିଲର, ସଂସ୍କୃତି ବିଶ୍ୱବିଦ୍ୟାଳୟ ବିଭାଗ, ବୋର୍ଡ ଅଫ ମ୍ୟାନେଜମେଣ୍ଟ ଉତ୍କଳ ୟୁନିଭରସିଟି ସଂସ୍କୃତି ବିଭାଗ ସଦସ୍ୟ ସହିତ ଓଡ଼ିଶା ଲଳିତ କଳା ଏକାଡେମି ର ମ୍ୟାନେଜମେଣ୍ଟର ସଦସ୍ୟ ଅଛନ୍ତି।

– ବନବିହାରୀ ବେହେରା











# ମନ ଭଲନାହିଁ

-ରାଜଶ୍ରୀ ରଞ୍ଜିତା ହରିଚନ୍ଦନ

ଆଜି ମନ ଭଲନାହିଁ
ତୋର ନିମ୍ନ ରକ୍ତଚାପ,
କହ, ଆଜି କେମିତି ମାପିବି
ମୋ ଓଠରେ ତୋ' ଦେହର ଉତ୍ତାପ ?

ଆଜି ମନ ଭଲନାହିଁ,
ତୁ ଆଜିକାଲି ବ୍ୟସ୍ତ,
ତୋ' ଭିତରେ ଖୁସି ଆଉ ଖୁସି
ଶୁଣି ତୋର ଦରଆଉଜା
ଆମ ପ୍ରେମର ଗୀତ।

ଆଜି ମନ ଭଲନାହିଁ,
ହେଲେ ତୋ ସମର୍ପଣ
ମୋ ଭିତରେ କବିତା ଭରୁଚି,
ଆମ ଦାମ୍ପତ୍ୟ
ମୋତେ ଆନମନା କବି କରି ପକାଉଚି।
ବିଶ୍ୱାସ କର,
ମୋ ମନ ଭଲନାହିଁ ଭିତରେ
ମନ ଭଲଅଛି।

-ଅଡ଼ାଲ, ବଡ଼ାଲ, ନିରାକାରପୁର, ପୁରୀ

# ମାଆ

-ସୁଚିତ୍ରା ମିଶ୍ର

ଘଣ୍ଟ ଘଣ୍ଟି ଶଙ୍ଖ ହୁଳହୁଳି ଧ୍ୱନିରେ ମୁଖରିତ ହେଉଛି ଚତୁର୍ଦ୍ଦିଗ। ମହମହ ମହକୁଛି ଆଖପାଖ ଅପୂର୍ବ ସୁଗନ୍ଧରେ। ମାଆଙ୍କର ମୃଣ୍ମୟୀ ମୂର୍ତ୍ତିକୁ ଅପଲକ ନୟନରେ ଚାହିଁ ରହିଥିଲା ମାଳ । କେତେ କଥା ମାଆଙ୍କୁ କହିବ ବୋଲି ମନେମନେ ଭାବି ଆସିଥିଲା ସେ । କାଇଁ, କିଛି ବି ତ କହୁ ନ ଥିଲା । କିଛି ମନେପଡୁ ନ ଥିଲା ଏବେ ତା'ର । କେବଳ ଚାହିଁଥିଲା ମାଆଙ୍କୁ ଆଖିରେ ପଲକ ନ ପକାଇ । ମାଆ ବି ଚାହିଁଥିଲେ ତା'କୁ । କେଜାଣି ଆଉ କାହା ଆଡ଼େ ତାଙ୍କ ନଜର ଥିଲା କି ନା ? ସେ ତ କେବଳ ମାଳକୁ ଦେଖୁଥିଲେ । ମାଳ ଭିତରେ ଅପୂର୍ବ ଏକ ଶିହରଣ ।

ଦୁର୍ଗତିନାଶିନୀ ମହିଷାମର୍ଦ୍ଦିନୀ ମାଆଙ୍କର ଆଖି ଦୁଇଟିରେ କେତେ ମାୟା ସତେ ? ଝରିପଡୁଛି କରୁଣାର ଧାରା। ଏଥର ଧରିନେଲେ ସେ ମାଳର ହାତ। ଚମକି ପଡିଲା ମାଳ। ''କ'ଣ କହିବୁ ପରା। ଚୁପ୍ ରହିଲୁ କାହିଁକି ?'' ମାଳ ଭାବିହେଲା କ'ଣ କହିବଟି ସେ ? କିଛି ମନେପଡୁ ନ ଥିଲା ତା'ର।

ତା' ବର, ଅର୍ଜୁନ ସୁରଟ ଯାଇଛି କାମ କରିବାକୁ । ଭଲ ପଇସା ମିଳୁଛି, ହେଲେ ଗଧଖଟଣି ଖଟୁଛି ସେଠି । ଦେହପା' ହେଲେ ଦେଖିବାକୁ କେହିନାହିଁ । ଦି'ବର୍ଷ ହେଲା ଗଲାଣି ସେ। ଏ ଭିତରେ ଫୋନ୍‌ରେ ଯାହା କଥାବାର୍ତ୍ତା, ଦେଖାଚାହାଁ। ଛୁଇଁଦେବାକୁ ମନ ଚାହିଁଲେ ମୋବାଇଲ ପରଦାରେ ବୁଲେଇ ଆଣେ ହାତ । ଲାଜ ଲାଗେ ସେକଥା କହିବାକୁ । ତୁମର ମାଆ ମନେପଡୁନି ? ଦି' ଦିନ ପାଇଁ ହେଲେ ଆସୁନ ? କହିଥିଲା ଫୋନ୍‌ରେ । ହଁ ଲୋ, ମାଆ ମନେପଡୁଛି । ତୁ ବି। ମାଲିକ ଛାଡ଼ିଲେ ତ ଯିବି । ଛୁଟି ନାଁ ଶୁଣିଲେ ମାଲିକ ଗରଗର । ଅର୍ଜୁନ କଣ୍ଠ ଓଦା ହୋଇଯାଉଥିଲା ବେଳକୁ ବେଳ। ଘରକୁ ଫେରିବାକୁ ସେ ବି ତ ଉହଳବିକଳ ହେଉଥିବ । କତରାଳଗା ହୋଇ ମାଆ ପଡିଛି । ସାନସାନ ଛୁଆ ଦି'ଟା ସ୍କୁଲରେ ପଢୁଛନ୍ତି । ତାଙ୍କର ଭବିଷ୍ୟତ ଅଛି । ସୁରଟ ଯାଇ କାମ କରିବା ନିଷ୍ପତ୍ତି ତ ଦୁହେଁ ମିଶି ନେଇଥିଲେ। ଅଧାରୁ ଛାଡିଛୁଡି ଦେଇ ସେ ଆସିବ କେମିତି ? ଥରୁଟିଏ ଆସନ୍ତେନି! ତାଙ୍କୁ ଦେଖିବାକୁ ମନ ଛଟପଟ ହେଉଛି। ଅଭାବୀ ସଂସାରରେ ପେଟ ପୋଷିବା ପାଇଁ ଏମିତି ଅନେକ ଇଚ୍ଛାକୁ ମନ ଭିତରେ ଲୁଚେଇ ରଖିବାକୁ ହୁଏ । ମାଳ ଲୁଚେଇ ଦେଇଛି ତା' ମନର ବ୍ୟଥା ।

ଅଷ୍ଟମୀ ଓପାସ କରିଛି ସେ। ପିଲା ଦୁହିଁଙ୍କର ସ୍କୁଲ ଛୁଟି। ସାଙ୍ଗମେଳରେ ଖେଳୁଛନ୍ତି ସେମାନେ । ସକାଳୁ ପୂଜାଡାଲା ସଜାଡି ଦୁର୍ଗାମାଆଙ୍କ ପାଖକୁ ଆସିଛି । କହିବାକୁ ତ ଅନେକ କଥା ଅଛି, ହେଲେ ପଦଟିଏ କିଛି କହିପାରୁନି ସେ ମାଆଙ୍କୁ । ମନକଥା ବୁଝି ନିଅନ୍ତି ପରା ସେ । ମାଆଙ୍କୁ କ'ଣ ଖୋଲି କହିବାକୁ ହୁଏ କିଛି ?

ମାଳ... । ତାକୁ ହଲେଇଦେଲା ସର । ଦୁହେଁ ମିଶି ପୂଜା କରିବାକୁ ଆସିଥିଲେ। ସାଷ୍ଟାଙ୍ଗ ହୋଇ ମାଆଙ୍କୁ ପ୍ରଣାମ କରି ବାହାରକୁ ଆସିଲାବେଳେ ସର କହିଲା, କି ସୁନ୍ଦର ମୂର୍ତ୍ତି ମାଆଙ୍କର । ମାଆ ତ ମୋ' ଆଡ଼େ ଚାହିଁ ରହିଥିଲେ । ମନର ସବୁଦୁଃଖ କହିଦେଲି ତାଙ୍କୁ । ସତରେ କ'ଣ ଶୁଣିଲେ ସେ ? ପୂରାହେବ ମୋର ସବୁ ମନୋସ୍କାମନା ? ସର ପ୍ରଗଳ୍ଭ ହୋଇ କହିଚାଲିଥିଲା।

ମାଳ ଚମକୃତ ହେଲା। ମାଆ ସରକୁ ବି ଦେଖୁଥିଲେ । ସେ ଧରିନେଇଥିବେ ତା' ହାତ । ପଚାରିଥିବେ ତା' ମନର କଥା। ସର କହିପାରିଲା। ନିଜକୁ ଖୋଲି ଦେଇପାରିଲା ମାଆଙ୍କ ପାଖରେ। ମାଆ ଶୁଣିଥିବେ ନିଶ୍ଚୟ। ମାଆଙ୍କ ଉପରେ ତା'ର ପୂରା ବିଶ୍ୱାସ ଅଛି । ମାଆ ତା'ହେଲେ ସେଠିଥିବା ସମସ୍ତଙ୍କୁ ଦେଖୁଥିଲେ । ସମସ୍ତଙ୍କୁ ତାଙ୍କ କରୁଣା ଆଖିରେ ଭିଜାଇ ନେଉଥିଲେ । ଆହା, ସେ ତ କହିପାରିଲାନି କିଛି । ମାଗି ପାରିଲାନି ଯାହାସବୁ ମାଗିନେବ ଭାବିଥିଲା ।

ଆଖିବୁଜି ପୁଣିଥରେ ମନେ ପକେଇବାକୁ ଚେଷ୍ଟାକଲା ସେଇ ମୁହୂର୍ତ୍ତକୁ। ବୁଜା ଆଖିରେ ଦିଶୁଥିଲେ ମାଆ। ଦୁର୍ଗତିନାଶିନୀ ମାଆ, କରୁଣାମୟୀ ମାଆ । ଅଭୟ ମୁଦ୍ରାରେ ଚାହିଁଥିଲେ ସେ । ଆଶିଷର ଧାରା ଅବିରତ ବୋହି ଆସୁଥିଲା ତାଙ୍କ କଥାକୁହା ଆଖି ଦୁଇଟିରୁ । ମାଗିବାର କିଛି ନାହିଁ ଆଉ। କେବଳ ଏମିତି କରୁଣା ଦୃଷ୍ଟିରେ ଚାହିଁ ଥାଆ ମାଆ। ମାଳ ଦୁଇହାତ ଯୋଡ଼ି ମୁଣ୍ଡରେ ଲଗେଇଲା।

ବାପା ଆସିଛନ୍ତି – ସାନପୁଅ ଦୌଡ଼ିଆସି ଜାବୁଡି ଧରିଲା ତାକୁ। ଦୁର୍ଗାମଣ୍ଡପରୁ ଶଙ୍ଖନାଦ ଭାସିଆସୁଥିଲା । ମାଆ ପରା ସେ । ତୁଣ୍ଡ ଖୋଲି ନ କହିଲେ ବି ଶୁଣିନିଅନ୍ତି ମନର କଥା। ମାଳର ଆଖି ଜକେଇ ଆସିଥିଲା । ଖୁସିର ଲୁହ ଦି'ଟୋପା ଝରିଆସୁଥିଲା ଚିବୁକଦେଇ ।

-ଭୁବନେଶ୍ୱର
ମୋ:୯୯୩୦୮୨୭୪୪୮



# ଓକିଲାତିରୁ ଅଭିନୟ

ଯାମି ଗୌତମ ଯେତେବେଳେ ପାଠ ପଢୁଥିଲେ ସେତେବେଳେ ସେ ଗୋଟିଏ କଥାକୁ ନେଇ ଦୋଛକିରେ ପଡିଯାଇଥିଲେ। ଗୋଟେପଟେ ପାଠ ପଢ଼ି ନିଜ କ୍ୟାରିୟର ଗଢ଼ିବାକୁ ମନସ୍ଥ କରିସାରିଥିଲେ। ଅନ୍ୟପଟେ ଅଭିନୟ ମାୟାରେ ବି ପଡିଯାଇଥିଲେ। ତେଣୁ ଏଭଳି ଘଡିସନ୍ଧି ସମୟରେ ସେ ବାଧ୍ୟ ହୋଇ ଏକ ଦୃଢ଼ ନିଷ୍ପତ୍ତି ନେଲେ। କଥା କ'ଣ କି ସେତେବେଳେ ଯାମି ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଆଇନ୍‌ରେ ସ୍ନାତକର ପ୍ରଥମ ବର୍ଷ ଛାତ୍ରୀ ଥିଲେ। ଆଶା ରଖିଥିଲେ ଡିଗ୍ରୀ ହାସଲ ପରେ ଓକିଲାତିକୁ ପେସା କରିବେ। ହେଲେ ଅଭିନୟର ମୋହରେ ସେ ଏମିତି ପଡ଼ିଲେ ଯେ, ପାଠକୁ ଅଧାରେ ଛାଡି ମୁମ୍ବାଇ ଚାଲି ଆସିଲେ। ଆଉ ବଲିଉଡ୍‌ରେ ନିଜ ଅଭିନୟ ଜୀବନ ଆରମ୍ଭ କଲେ। ସେ କେବଳ ହିନ୍ଦୀ ନୁହେଁ, ପଞ୍ଜାବୀ, ମାଲୟାଲାମ, ତାମିଲ, ତେଲୁଗୁ ଏବଂ କନ୍ନଡ ଫିଲ୍ମରେ ଅଭିନୟ କରିସାରିଛନ୍ତି। ତାଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଭିକି ଡୋନର' (୨୦୧୧)। ଯାମି ଅଭିନୟ କରିଥିବା ପ୍ରମୁଖ ହିନ୍ଦୀ ସିନେମା ମଧ୍ୟରେ ରହିଛି–'ଆକ୍ସନ୍ ଜ୍ୟାକସନ', 'ସନମ୍‌ରେ', 'ବାଲା', 'ଓଏମଜି ୨' ଏବଂ 'ଧୂମ ଧାମ'।

# ବାସ୍ କପେ ଚା'


ଶ୍ରଦ୍ଧା କପୁରଙ୍କୁ ଯେତେବେଳେ ବୋର୍ ଲାଗେ ସେତେବେଳେ ସେ କ'ଣ କରନ୍ତି ? କପେ ଚା' ପିଅନ୍ତି। କଥା କ'ଣ କି ବାସ୍, ଏତିକିରେ ହିଁ ତାଙ୍କର ମନ ହାଲକା ହୋଇଯାଏ। ଏଭଳି ଅଭ୍ୟାସ ବିଷୟରେ ଶ୍ରଦ୍ଧା କହନ୍ତି, ''କପେ ଚା' ମୋତେ ବେଶ୍ ଆତ୍ମତୃପ୍ତି ଦେଇଥାଏ। ଯଦି ଘରେ ଅଛି ତେବେ ସକାଳୁ ସନ୍ଧ୍ୟା ଭିତରେ ପ୍ରାୟ ତିନି କପ୍ ଚା' ପିଇଥାଏ। ଆଉ ଶୁଟିଂ ସେଟ୍‌ରେ ଥିଲେ ଯଦି କପେ ଚା' ନ ପିଏ ତେବେ ମୋତେ କେମିତି କେମିତି ଲାଗେ।'' ଶ୍ରଦ୍ଧାଙ୍କ ଅଭିନୟ କ୍ୟାରିୟର ଆରମ୍ଭ ହୋଇଥିଲା 'ତିନ୍ ପତି' (୨୦୧୦) ଫିଲ୍ମରୁ। ଇତିମଧ୍ୟରେ ସେ ବଲିଉଡ୍‌ରେ ୧୫ ବର୍ଷ ବିତାଇ ସାରିଛନ୍ତି। ଆଉ ବେଶ୍ କେତୋଟି ହିଟ୍ ସିନେମା ଦ୍ୱାରା ସେ ଦର୍ଶକଙ୍କ ମନ ଜିଣିବାରେ ମଧ୍ୟ ସକ୍ଷମ ହୋଇଛନ୍ତି। ୨୦୨୪ରେ ସେ ଅଭିନୟ କରିଥିବା 'ସ୍ତ୍ରୀ ୨' ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। କେବଳ ଅଭିନୟ ନୁହେଁ, ପାଠ ପଢ଼ାରେ ବି ସେ ବହୁତ ଭଲ ଥିଲେ। ଦ୍ୱାଦଶ ପରୀକ୍ଷାରେ ୯୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ସ୍କୁଲରେ ପଢ଼ିବା ସମୟରେ ସେ ଫୁଟବଲ୍ ଏବଂ ହ୍ୟାଣ୍ଡବଲ୍ ଖେଳିବାକୁ ଭଲ ପାଉଥିଲେ। ଆଉ ଏକ କଥା ଜାଣନ୍ତି ? ତାଙ୍କର ପରିବାର ସଦସ୍ୟ ଏବଂ ସାଙ୍ଗମାନେ ତାଙ୍କୁ ଶ୍ରଦ୍ଧାରେ 'ଚିର୍‌କୁଟ୍' ବୋଲି ଡାକିଥାଆନ୍ତି।

# ୧୮ ବର୍ଷ ପରେ...

ବଲିଉଡ୍‌ର କିସ୍ ମାଷ୍ଟର ଭାବରେ ପରିଚିତ ଇମ୍ରାନ ହାସ୍‌ମୀ। କ୍ୟାରିୟରର ଆରମ୍ଭରେ ସେ ଏଭଳି ଶଟ୍ ପାଇଁ ବେଶ୍ ଚର୍ଚ୍ଚିତ ହୋଇଥିଲେ। କିନ୍ତୁ ଏବେ ତାଙ୍କୁ ଦର୍ଶକ ନୂଆ ଅବତାରରେ ଦେଖିବାକୁ ପାଇବେ। ଉକ୍ତ ଚରିତ୍ରଟିର ନାମ ହେଉଛି ଶିବମ୍ ଆଉ ଫିଲ୍ମଟି ହେଲା 'ଆୱାରାପନ୍ ୨'। ଏହି ଫିଲ୍ମ ସହ ତାଙ୍କର ଆଉ ଏକ ସଂଯୋଗ ରହିଛି। ୨୦୦୭ରେ ରିଲିଜ ହୋଇଥିବା 'ଆୱାରାପନ୍'ରେ ମଧ୍ୟ ଇମ୍ରାନ ନାୟକ ସାଜିଥିଲେ। ମୋହିତ ସୂରୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ମୃଣାଲିନି ଶର୍ମା, ଶ୍ରେୟା ସରନ୍ ଏବଂ ଆଶୁତୋଷ ରାଣାଙ୍କୁ ଦେଖିବାକୁ ମିଳିଥିଲା। ସେହି ସମୟରେ ଏହି ଫିଲ୍ମଟି ବକ୍ସ ଅଫିସରେ ହିଟ୍ ସାବ୍ୟସ୍ତ ହୋଇଥିଲା। ଆଉ ଏବେ ୧୮ ବର୍ଷ ପରେ ଏହାର ସିକ୍ୱେଲ ନିର୍ମାଣ କରାଯାଉଛି ଏବଂ ସେଥିରେ ତାଙ୍କୁ ମନଲାଖି ଭୂମିକାଟିଏ ମଧ୍ୟ ମିଳିଛି। ନୀତିନ କକ୍କର ଏହାର ନିର୍ଦ୍ଦେଶନା ଦେଉଛନ୍ତି। ଚିତ୍ରଟିର ଶୁଟିଂ ଏବେ ବ୍ୟାଂକକ୍‌ରେ ଚାଲୁ ରହିଛି। ଏଥିରେ ଫିମେଲ ଲିଡ୍‌ରେ ଅଛନ୍ତି ଦିଶା ପଟାନି।


ଯାମି


ଶ୍ରଦ୍ଧା


ଇମ୍ରାନ

# ଚିତ୍ରକାର ସୋନାକ୍ଷୀ

ସୋନାକ୍ଷୀ ସିହ୍ନା ବଲିଉଡ୍‌ରେ ବେଶ୍ କେତୋଟି ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ଏପରି କି ନିଜର ପ୍ରଥମ ସିନେମା 'ଦବଙ୍ଗ' ତାଙ୍କ କ୍ୟାରିୟରକୁ ଏକ ନୂଆ ମୋଡ ଦେଇଥିଲା। ଅଭିନୟ ବ୍ୟତୀତ ତାଙ୍କର ଆଉ ଏକ ରୁଚି ରହିଛି। ତାହା କ'ଣ ଜାଣନ୍ତି ? ଅବସର ମିଳିଲେ ସୋନାକ୍ଷୀ ଚିତ୍ର ଆଙ୍କିବାକୁ ବସି ପଡନ୍ତି। ଏପରିକି ଘର ସଂସାର କରିବା ପରେ ମଧ୍ୟ ତାଙ୍କର ଏହି ଅଭ୍ୟାସ ଜାରି ରହିଛି। ଏ ସମ୍ପର୍କରେ ସୋନାକ୍ଷୀ କହନ୍ତି, ''ଚିତ୍ର ଆଙ୍କିବା ଅଭ୍ୟାସ ମୋର ପିଲାଟି ଦିନରୁ ରହିଛି। ସ୍କୁଲରେ ପଢ଼ିବା ସମୟରେ ଏକଦା ମୁଁ ପରିବେଶ ସମ୍ପର୍କିତ ଏକ ଚିତ୍ର ଆଙ୍କିଥିଲି। ତାକୁ ଯେତେବେଳେ ପାପା (ଶତ୍ରୁଘ୍ନ ସିହ୍ନା)ଙ୍କୁ ଦେଖାଇଲି ସେ ମୋର ଚିତ୍ରଟିକୁ ବେଶ୍ ପ୍ରଶଂସା କରିଥିଲେ। କେବଳ ସେତିକି ନୁହେଁ, ଭବିଷ୍ୟତରେ ଏହି ଅଭ୍ୟାସକୁ ଜାରି ରଖିବାକୁ କହିଥିଲେ। ବାସ୍, ତା'ପରେ ମୁଁ ଚିତ୍ର ଆଙ୍କିବା ଚାଲୁ ରଖିଥିଲି।'' ସୋନାକ୍ଷୀଙ୍କୁ ବଲିଉଡ୍‌ରେ ବ୍ରେକ୍ ଦେଇଥିଲେ ସଲମାନ ଖାନ୍। ଯେତେବେଳେ ସେ 'ଦବଙ୍ଗ' ସାଇନ୍ କଲେ ସେତେବେଳେ ତାଙ୍କ ସମ୍ମୁଖରେ ଏକ ବଡ ସମସ୍ୟା ଉଭା ହୋଇଥିଲା। ତାହା ଥିଲା ତାଙ୍କର ଓଜନ। ସେତେବେଳେ ତାଙ୍କର ଓଜନ ଥିଲା ପାଖାପାଖି ୯୦ କିଗ୍ରା। ମାତ୍ର କେଇ ସପ୍ତାହ ଭିତରେ ସେ ଏହାକୁ ପାଖାପାଖି ୩୦ କି.ଗ୍ରା. କମାଇବାରେ ସକ୍ଷମ ହୋଇଥିଲେ। ନିଜର ଏହି ଓଜନ ମିଶନକୁ ସେ କଦାପି ଭୁଲି ପାରିବେ ନାହିଁ ବୋଲି କହନ୍ତି ଏହି ଅଭିନେତ୍ରୀ। କେବଳ ସେତିକି ନୁହେଁ, ସୋନାକ୍ଷୀ ନିଜ ପାରିଶ୍ରମିକର ପ୍ରାୟ ୩୦ ପ୍ରତିଶତ ବିଭିନ୍ନ ସାମାଜିକ ସାହାଯ୍ୟକାରୀ ସଂସ୍ଥାକୁ ଦାନ କରିଥାଆନ୍ତି। ସୋନାକ୍ଷୀଙ୍କ ଶେଷ ଅଭିନୀତ ସିନେମା ଥିଲା 'ନିକିତା ରୟ', ଯାହା ଚଳିତ ବର୍ଷ ଜୁଲାଇ ୧୮ରେ ରିଲିଜ ହୋଇଥିଲା। ୧୧୨ ମିନିଟ ଅବଧି ବିଶିଷ୍ଟ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ତାଙ୍କର ଭାଇ କୁଶ ଏସ. ସିହ୍ନା।


ସୋନାକ୍ଷୀ

# କେବଳ ଆକ୍ସନ..


ତମନ୍ନା

ପ୍ରଯୋଜକ ବିଭୂତି ଭୂଷଣ ଜେନାଙ୍କ ନୂଆ ସିନେମା 'ଶମ୍ଭୁ'କୁ ନେଇ ଏବେ ଚର୍ଚ୍ଚା। କାରଣ ଏଥିରେ ଲଭ୍, ଆକ୍ସନ, ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ଭରି ରହିଛି। ତା'ସହ କାହାଣୀରେ ଆକ୍ସନକୁ ବି ଅଧିକ ଗୁରୁତ୍ୱ ଦିଆଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି ଶୁଭମ୍। ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ତମନ୍ନା। ଫିଲ୍ମ ସମ୍ପର୍କରେ ପ୍ରଯୋଜକ କହନ୍ତି, ''ଏହି ସିନେମାଟି ଦର୍ଶକଙ୍କୁ ଫୁଲ୍ ଏଣ୍ଟରଟେନ୍ କରିବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଅନ୍ୟପକ୍ଷରେ ସବୁ ବର୍ଗର ଦର୍ଶକଙ୍କୁ ଲକ୍ଷ୍ୟ କରି ଏହାକୁ ପ୍ରସ୍ତୁତ କରାଯାଇଛି।'' ଏହାର କାହାଣୀ ରଚନା କରିଛନ୍ତି ଅନୁପମ ଜେନା। ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି 'ରସିକ ନାଗର', 'କ୍ରିମିନାଲ, 'ହୀରୋ' ଆଦି ହିଟ୍ ସିନେମାର ନିର୍ଦ୍ଦେଶକ ଦିଲ୍ଲୀପ ପଣ୍ଡା। ଏହାର ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଫିଲ୍ମଟିର ରିଲିଜ୍‌କୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି ଶୁଭମ୍। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଦୀପକ କୁମାର। ଏହାର ସହ ପ୍ରଯୋଜକ ଅଛନ୍ତି ବିବେକ ଜେନା ଓ ଅଭିଷେକ ଜେନା । ଜଲିଉଡ୍ ଖଳନାୟକ ପୀୟୂଷ ତ୍ରିପାଠୀ, ଜୀବନ ପଣ୍ଡା, ଡିସ୍କୋ ରେଡ୍ଡୀ, ଚିନ୍ତାମଣି, ଐଶ୍ୱର୍ଯ୍ୟାଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ। ନିର୍ଦ୍ଦେଶକ ଦିଲ୍ଲୀପ କହନ୍ତି, ''ଏହି ଫିଲ୍ମର ଶୁଟିଂ ସମୟରେ କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଚେଷ୍ଟା କରିଛି। ନବାଗତ ଶୁଭମଙ୍କ ଅଭିନୟ ବି ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ଆଶା ରହିଛି। 'ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କଥା ଅଟକିଛି ପାରିଶ୍ରମିକରେ

ଦୀପିକା ପାଦୁକୋନ ଏବେ ଏକ ତେଲୁଗୁ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଏହି ଫିଲ୍ମରେ ସେ ଅଲ୍ଲୁ ଅର୍ଜୁନଙ୍କ ନାୟିକା ସାଜିବେ। ସବୁ ଠିକ୍ ଯେ, ହେଲେ ଏଭଳି ଏକ ଭଲ ଅଫର ଭିତରେ କେଁ ପଶିଯାଇଛି। କାହାଣୀ ଶୁଣିବା ପରେ ଦୀପିକା ହଁ ଭରିଛନ୍ତି ସତ। ହେଲେ କଥା ପାରିଶ୍ରମିକରେ ଅଟକି ଯାଇଛି। ଏହି ଫିଲ୍ମ ପାଇଁ ଦୀପିକା ୨୫କୋଟି ରେମ୍ୟୁନିରେଶନ ଡିମାଣ୍ଡ କରୁଛନ୍ତି ବୋଲି ଆଲୋଚନା ହେଉଛି। ଏସବୁ ବିଷୟରେ ଜାଣିବା ପରେ ନିକଟରେ ଦୀପିକା ସଫେଇ ଦେଇ କହିଛନ୍ତି ଯେ, ''ମୁଁ କେତେ ପାରିଶ୍ରମିକ ପାଇବି ତାହା ପ୍ରାୟ ପ୍ରତ୍ୟେକ ପ୍ରଯୋଜକ ଜାଣନ୍ତି। ହେଲେ ଏହି ଫିଲ୍ମର ଭୂମିକା ଅନୁସାରେ ମୋତେ ଟିକେ ଅଧିକ ପାରିଶ୍ରମିକ ମିଳିବ ବୋଲି ଆଶା ରଖିଛି। ଏହି ଫିଲ୍ମ ପାଇଁ ମୁଁ ୨୫କୋଟି ଡିମାଣ୍ଡ କରୁଛି ବୋଲି ଯାହା ଆଲୋଚନା ହେଉଛି ତା' ପଛରେ ଟିକିଏ ହେଲେ ସତ୍ୟତା ନାହିଁ। କେହି ଜଣେ ମୋତେ ଅଯଥା ବଦନାମ କରିବାକୁ ଏଭଳି ଅପପ୍ରଚାର ଚଲାଇଛି। ହେଲେ ତାହାକୁ ମୁଁ ଗୁରୁତ୍ୱ ଦେଉନାହିଁ। ଏବେ ଯେଉଁ ନୂଆ ତେଲୁଗୁ ଅଫରଟି ମିଳିଛି ସେଥିରେ ଅଲ୍ଲୁ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଏହାର ଟାଇଟଲ ଫାଇନାଲ ହୋଇନାହିଁ।'' ଦୀପିକାଙ୍କ ଏହି ରେମ୍ୟୁନିରେଶନ ବୃଦ୍ଧି ପଛରେ କେତେ ସତ୍ୟତା ଅଛି ତାହା କେବଳ ତାଙ୍କୁ ହିଁ ଜଣା।


ଦୀପିକା

## ପ୍ରଥମ ରୋଜଗାର

# ଏବେ ବି ଭୁଲିନି ବାପା ବୋଉଙ୍କର ଖୁସି



**କବି ଅୟସକାନ୍ତ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...**

ଯେଉଁଦିନ ପ୍ରଥମ ଦରମା ପାଇଥିଲି, ସେଦିନ ଘରକୁ ଫେରିବା ଟିକେ ବିଳମ୍ବ ହେବାରୁ ବୋଉ ପଚାରିଲା, 'ଏତେ ଡେରି କ'ଣ କିରେ' ? ମୁଁ ହସିଲି, ଲାଜଲାଜ ହୋଇ ବୋଉକୁ ଖାମ୍‌ଟିଏ ବଢ଼େଇ କହିଲି, 'ଏଇ ନେ ମୋ ପ୍ରଥମ ଦରମା'। ବୋଉ ସଙ୍ଗେ ସଙ୍ଗେ ନନା(ବାପା)ଙ୍କୁ ଡାକ ପକାଇଲା, 'ହେଇଟି ଶୁଣୁଛ, ତମ ପୁଅ କ'ଣ କରିଛି ଦେଖ।' ନନା ପୂରା ଡରିଗଲେ। ଆଉ ବୋଉ କଥା ନ ଶୁଣିବା ଆଗରୁ ନିଜେ ନିଜେ କେତେ କଥା କହିଗଲେ,'ସେ ତ ଏଇ ମାସେ ତଳେ ଅନୁଗୋଳ ପଞ୍ଚାୟତ ସମିତିରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲା। କ'ଣ କଲା କେଜାଣି। ବେଢ଼ା କାବେଢ଼ାଟା ଏ ଚାକିରି ପାଇଁ ଯୋଗ୍ୟ ନୁହେଁ। ମାଷ୍ଟ୍ରଟିଏ ହୋଇଥିଲେ କେତେ ଭଲ ହୋଇଥାନ୍ତା। ଇଞ୍ଜିନିୟରିଂ ଚାକିରି ଖଣ୍ଡାରେ ଚାଲିବା ଚାକିରି। ଇଏ ଚାଳ ଘରଟେ ତିଆରି କରିପାରିବନି ବ୍ରିଜ୍ କ'ଣ କରିବ!' ବାପାଙ୍କ କଥାକୁ ବନ୍ଦ କରିବା ପାଇଁ ବୋଉ ଏଥର ଟିକେ ବଡ଼ ପାଟି କରି କହିଲା, 'ପ୍ରକୃତ କଥା କ'ଣ ତାହା ନ ଜାଣି କାହିଁକି ଏମିତି ପାଟି କରୁଛ। ଏଇ ନିଅ ଖାମ୍, ତା'ଭିତରେ ତୁମ ପୁଅର ଦରମା ଅଛି ଦେଖ।' ବାପା ଶୁଣି ଆଶ୍ଚର୍ଯ୍ୟ ହେଲେ ଆଉ କହିଲେ, 'ଆଜି ୧୯୯୫ ମସିହା ମେ' ୨ ତାରିଖ। କାଲି ବାପା ଦରମା ପାଇଥିଲା, ଆଜି ପୁଅ ଦରମା ପାଇଲା।' ତା'ପରେ ଖାମ୍ ଖୋଲି ସେଥିରେ ୪୨୦ ଟଙ୍କା ଥିବାର ଦେଖି କହିଲେ, 'ଆରେ ହେ, ବୋକା ପୁଅ ମୋର ଆଜି ତା' ଚାକିରିର ମାସ ପୂରଣ କରିଛି। ମୁଁ ଭାରି ଖୁସି।' ବାପାଙ୍କ ଖୁସି ଦେଖି ତାଙ୍କ ଗୋଡ଼ ଛୁଇଁ ପ୍ରଣାମ କଲି। ବାପା ଆଶୀର୍ବାଦ କଲେ ଆଉ ମୋ ଦରମା ଟଙ୍କାତକ ବୋଉ ହାତକୁ ବଢ଼ାଇ ଦେଲେ। ବୋଉ ପ୍ରତିଦିନ ଅଫିସ ଗଲାବେଳେ ମୋତେ ୨୦ ଟଙ୍କା ଦେଉଥିଲା। କିନ୍ତୁ ମୁଁ ନିତ୍ୟ ୧୫ଟଙ୍କା ଫେରେଇକି ଆଣୁଥିଲି। ପାଞ୍ଚ ଟଙ୍କାରେ ସାହିତ୍ୟ ପତ୍ରିକା ହେଉ କି ଖବରକାଗଜ କିଣି ଆଣି ଦେଉଥିଲି। ବୋଉ ପାଟି କରି କହୁଥିଲା, ଖାଉନୁ କିରେ କିଛି, ସବୁ ପଇସା କ'ଣ ବଳେଇକି ଆଣୁଛୁ! ବୋଉ ମୁହଁକୁ କେବଳ ବଲବଲ ହୋଇ ଚାହିଁ କହୁଥିଲି, ହଁ ସେତିକି ତ ଖର୍ଚ୍ଚ ହୋଇଛି। ଆଜି ସରପଞ୍ଚ ବାବୁ କ୍ୟାଣ୍ଟିନ ଡାକିଲେ, ତାଙ୍କ ସହ ଖାଇଦେଲି। ମାଛ ମିଲ୍ କେତେ କିରେ, ବୋଉ ପଚାରିଲା। ମୁଁ କହିପାରି ନ ଥିଲି, ପରେ ବୁଝି କହିଲି ସାତ ଟଙ୍କା। ବୋକା ବୁଡବକ୍ ବୋଲି ବାପାଙ୍କ ସାଙ୍ଗ ଖୋକା ଦାଦା ମୋ ନାଁରେ 'ହଇରେ କୁଲୁ' ଗାଇଲେ। ହଁ ମୁଁ ସେଇ, ଅକ୍ଷୟ ମହାନ୍ତିଙ୍କ ଭଙ୍ଗା ଲାଇଟିରେ ପମ୍ପ ଦେଉଥିବା, ପାଣିକଖାରୁକୁ ଅଙ୍ଗୁର ଭାବୁଥିବା ପ୍ରସିଦ୍ଧ କୁଲୁ। ପ୍ରଥମ ରୋଜଗାର ଘରକୁ ଆଣିଥିବା ଦିନଟି ମୋର ମନେ ରହିଛି ଓ ସବୁଦିନ ରହିଥିବ। ସେଦିନ ମୁଁ ଡରି ଯାଇଥିଲି। ସତରେ କ'ଣ ମୁଁ ଅଖାଡୁଆ ଚାକିରି କଲି! ମୋ ବୋଉ କହୁଥିଲା, 'ଜହ୍ନରେ କଳଙ୍କ ଥାଇପାରେ, କିନ୍ତୁ ମୋ ଅୟସ୍‌କାନ୍ତ ମଣିଠେ ନାହିଁ।' ମୁଁ ଆଜି ଚାକିରି ସରିବା ଅବସ୍ଥାରେ ବି, ତାଙ୍କ କଥାକୁ ସମ୍ମାନ ଦେଇ ଆସିଛି। ମୁଁ କବି ଓ ଇଞ୍ଜିନିୟର। ମା' ସରସ୍ୱତୀ ଓ ବିଶ୍ୱକର୍ମାଙ୍କ ବରପୁତ୍ର, ଏ କଥା ହେଜି ଚାକିରିର ଦୀର୍ଘ ୨୭ ବର୍ଷ ପୂରଣ କରିସାରିଛି। ଫୋର୍ ଟ୍ୱେଣ୍ଟି ପ୍ରଥମ ଦରମା ହେଲେବି, ମୁଁ ଚାରଶୋବିଶ୍ ନୁହେଁ ଏକଥା ମଧ୍ୟ ପ୍ରମାଣ କରିସାରିଛି।

# ମନରେ ଭରିଛି ପୀରତି ତାତି, ସରିନି ସପନ ପାହିଲା ରାତି

**ପ୍ରଶ୍ନ**–ମୋ ମନକୁ ଜଣେ ସୁନ୍ଦରୀ ଚୋରି କରି ନେଇଛି। ତା' କଥା ଭାବି ଭାବି ରାତି ପାହି ଯାଉଛି। ସେ କ'ଣ ମୋର ପ୍ରେମିକା ସାଜି ପାରିବ ?

*–ଅନୁପମ ସାହୁ, ବ୍ରହ୍ମପୁର*

**ଉତ୍ତର:** ଆପଣଙ୍କ ପ୍ରେମର ସୃଷ୍ଟି ସ୍ୱପ୍ନରୁ ହୋଇଛି ଆଉ ଏବେ ବି ଆପଣ ସପନ ରାଇଜରେ ମତୁଆଲା ହୋଇ ଘୁରି ବୁଲୁଛନ୍ତି। ଆପଣଙ୍କ ପ୍ରେମରେ ବିଶ୍ୱାସ ବେଶୀ ବାସ୍ତବତା କମ୍ ଅଛି। କେବଳ ଭାବନା ଭିତରେ ଆପଣ ପ୍ରେମ ବନ୍ଦୀ ହୋଇ ସେଇଠାରେ ହିଁ ଘୁରି ବୁଲୁଛନ୍ତି। 'ମନରେ ଭରିଛି ପୀରତି ତାତି, ସରିନି ସପନ ପାହିଲା ରାତି'। ତେଣୁ ସପନ ରାଇଜରୁ ନିଜକୁ ମୁକୁଳାଇ ବାସ୍ତବ ଦୁନିଆକୁ ଆସି ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ଯଦି ମିଳିଗଲା, ତେବେ ତା'ପରେ ପ୍ରେମର ଅସଲ ମଜା ଆପଣ ଅନୁଭବ କରିପାରିବେ।

**ପ୍ରଶ୍ନ**–ସାଙ୍ଗ କଥାରେ ପଡି ମୁଁ ଜଣେ ଝିଅକୁ ଲୁଚି ଲୁଚି ଭଲ ପାଉଛି। ଆଉ ଏଭଳି ଚୋରା ପ୍ରେମରୁ ମୋତେ ବେଶ୍ ଆନନ୍ଦ ମିଳୁଛି। ହେଲେ ଏହା କ'ଣ ସ୍ଥାୟୀ ହୋଇ ରହିବ ?

*–ପ୍ରଶାନ୍ତ କୁମାର, ବାଲେଶ୍ୱର*

**ଉତ୍ତର:** ଲୁଚାଚୋରା ପ୍ରେମ ଯାହା, ଅଦିନିଆ ମେଘ ସେଇଆ। ଏଥିରୁ କ୍ଷଣିକ ଆନନ୍ଦ ମିଳେ–ଏକଥା ସତ, ହେଲେ ସେଭଳି ପ୍ରେମ ଉପରେ ଭରସା କରିବା ମୂର୍ଖାମୀ ବ୍ୟତୀତ ଆଉ କିଛି ନୁହେଁ। ତେଣୁ ସେଭଳି ପ୍ରେମକୁ ନେଇ ଏକ ଦୀର୍ଘ ସ୍ୱପ୍ନ ଦେଖିବା କେତେ ଦୂର ଠିକ୍ ନିଜେ ଚିନ୍ତା କରନ୍ତୁ। ଏବେ ବି ସମୟ ଅଛି, ନିଜର ଚିନ୍ତାଧାରା ବଦଳାଇ ଦିଅନ୍ତୁ। ଏଭଳି ପ୍ରେମ କରନ୍ତୁ, ଯାହା ଚିର ସ୍ଥାୟୀ ହୋଇ ରହିବ ଆଉ ଭବିଷ୍ୟତରେ ପ୍ରେମିକାକୁ ନେଇ ଘର ସଂସାର କରିପାରିବେ।

**ପ୍ରଶ୍ନ**–ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅମରଜିତ ମହାନ୍ତି, ଢେଙ୍କାନାଳ*

**ଉତ୍ତର:** ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନ ଥିବ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ଭଲ ହେବ।

**ପ୍ରଶ୍ନ**–ଲାଜରୁ ପ୍ରେମର ସୃଷ୍ଟି। ମୋତେ ଜଣେ ଝିଅ ଦେଖି ଲାଜ କରୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ତନ୍ମୟ, ଖୋର୍ଦ୍ଧା*

**ଉତ୍ତର:** ସେହି ଝିଅଟି ଆପଣଙ୍କୁ ଦେଖି ଲାଜ କରୁଛି। ତା' ଲାଜରେ ପ୍ରେମ ଅଛି କି ନାହିଁ ଜାଣିପାରୁ ନାହାନ୍ତି–ବାସ୍, ଏଇଠି ଆପଣଙ୍କର ସବୁ କଥା ଅଟକି ରହିଛି। ଥରେ ଥଣ୍ଡା ମିଜାସରେ ତା' ଲାଜର ଗହନ କଥାକୁ ପଢ଼ିବାକୁ ଚେଷ୍ଟା କରନ୍ତୁ। ସେହି ଚୋରା ଚାହାଣୀରେ ପ୍ରେମର ଅସଲ ମଞ୍ଜି ରହିଛି। ତାକୁ ଠାବ କରିବାକୁ ମଗଜ ଖଟାନ୍ତୁ। ନ ହେଲେ ପ୍ରେମ ରାଇଜରେ ଘଡିକେ ଘୋଡା ଛୁଟିଥାଏ। ହୁଏତ ଆଜିର ପାଣିପାଗ କାଲି ଯେ ଆପଣଙ୍କୁ ସପୋର୍ଟ କରିବ ଆଉ ଆପଣ ସେ ମନର ମାନସୀ ହୃଦୟରେ ତାଜମହଲଟିଏ ଗଢ଼ିବେ–ଏହି ଆଶା କେବଳ ଆଶା ହୋଇ ରହିଯିବ। ତେଣୁ ବେଳକାଳ ଦେଖି ତାକୁ ନିଜ ମନ କଥା କୁହନ୍ତୁ। ଯଦି ସେପଟୁ ଗ୍ରୀନ୍ ସିଗ୍‌ନାଲ ମିଳିଲା ତେବେ ବିଳମ୍ବ ନ କରି ଆଗକୁ ବଢ଼ନ୍ତୁ। ନ ହେଲେ ଚାନ୍ସଟା ହାତରୁ ଖସିଯାଇପାରେ।

**ପ୍ରଶ୍ନ**–ଜଣେ ଝିଅ ମୋତେ କିଛି କହିବାକୁ ଚାହୁଁଛି। ହେଲେ କହୁନି କାହିଁକି ?

*–ଡି.କେ., କେନ୍ଦ୍ରାପଡା*

**ଉତ୍ତର:** ସେ ବୋଧହୁଏ ଆପଣଙ୍କୁ ତର୍ଜମା କରୁଛି। ସେ ହୁଏତ କିଛି ଭଲ ହେଉ କି ମନ୍ଦ କଥା କହିବାକୁ ଚାହୁଁଛି। ହେଲେ ସାହସ ଜୁଟାଇ ପାରୁନି। ଯଦି ସେ ଆପଣଙ୍କୁ ପ୍ରେମ ଜାଲରେ ଫସାଇବାକୁ ଚାହୁଁଛି, ତେବେ ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଏହା ଅନୁମାନ କରିପାରିବେ। ଅନ୍ୟପକ୍ଷରେ ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ନିଜର ଆଗ୍ରହ,ଉତ୍ସାହରେ ଟିକେ ଲଗାମ ଦିଅନ୍ତୁ। ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

ସାଥୀ



# ପରିଚୟ ଦେଉଛି ଟେରାକୋଟା



**ତା**ଙ୍କ ହାତଗଢ଼ା କଳାକୃତିଗୁଡ଼ିକୁ ଦେଖିଲେ କାହାର ବି ଆଖି ଲାଖିଯିବ। ବିଶେଷକରି ବିଭିନ୍ନ ପୌରାଣିକ ଓ ଆଧୁନିକ ବିଷୟବସ୍ତୁକୁ ନେଇ ସେ ଟେରାକୋଟା ମୂର୍ତ୍ତି ଗଢିଥାନ୍ତି। ଯାହା ତାଙ୍କୁ ଜଣେ ମୂର୍ତ୍ତି କାରିଗରଭାବେ ପରିଚିତି ଦେବାସହ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ ସେ ହେଲେ ଶିଳ୍ପୀ **ପଦ୍ମନାଭ ସେଠୀ** । ତାଙ୍କ ପିତାଙ୍କ ନାମ ମୁରଲୀଧର ସେଠୀ ଓ ମାତା କମଳା ସେଠୀ। ଘର ଭଦ୍ରକ ଜିଲା ବନ୍ତ ବ୍ଲକ ବିଟିପୁର ଗ୍ରାମରେ। ସେ କୁହନ୍ତି, 'ଆମ ପରିବାରର ସମସ୍ତେ ଏହି ହସ୍ତକଳା କାମରେ ନିୟୋଜିତ ରହିଛନ୍ତି। ପିଲାଦିନରୁ ମାଟିରେ ବିଭିନ୍ନ କଣ୍ଢେଇ ତିଆରି କରୁଥିଲି। ବିଭିନ୍ନ ମୂର୍ତ୍ତି ଗଢୁଥିଲି। ସ୍କୁଲ ବୟସରେ ପାଠପଢ଼ା ଅପେକ୍ଷା ଅଧିକାଂଶ ସମୟ ବିଭିନ୍ନ ମୂର୍ତ୍ତି ତିଆରି କରିବାକୁ ବେଶି ଭଲ ପାଉଥିଲି। ମୋର ତ କଳାକାରିଗରିରେ ମନଥିଲା, ଏଥିଯୋଗୁ ଯୁକ୍ତ ୩ ପରେ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଫାଇନ ଆର୍ଟରେ ମଧ ବ୍ୟାଚେଲର ଡିଗ୍ରୀ ହାସଲ କଲି। ୫ବର୍ଷ ଧରି ଟେରାକୋଟ କାମ ଶିଖିଲି। ଧର୍ମପଦ ପୁରସ୍କାରପ୍ରାପ୍ତ ଶିଳ୍ପୀ ରବି ନାୟକଙ୍କୁ ଗୁରୁ ରୂପେ ବରଣକରି ୭ ବର୍ଷଧରି ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିଳ୍ପରେ ଦକ୍ଷତା ଅର୍ଜନ କରିପାରିଛି।

ଟେରାକୋଟାରେ ହାତୀ, ବାଘ, ଫୁଲଦାନି, କେତେକ ପୌରାଣିକ କଥାବସ୍ତୁର ମୁଖା, ଗଣେଶ ମୂର୍ତ୍ତି ଆଦି ତିଆରି କଲି। ଏଯାଏ ପ୍ରାୟ ୩ଶହ ଜଣଙ୍କୁ ଏହି ଟେରାକୋଟା କାମ ଶିଖାଇ ସାରିଲିଣି। ରାଜ୍ୟର ବିଭିନ୍ନ ଜିଲାରେ ଆୟୋଜିତ ହସ୍ତଶିଳ୍ପ ମେଳା ଓ କଳାକୃତି ପ୍ରଦର୍ଶନରେ ଭାଗନେଇ ମୋ ହତଗଢ଼ା ବିଭିନ୍ନ କଳାକୃତିକୁ ପ୍ରଦର୍ଶନକରି ବହୁପ୍ରଶଂସା ଅର୍ଜନ କରିପାରିଛି। ଏଥିପାଇଁ ପୁରୀ, କଟକ, କେନ୍ଦୁଝର, ବାରିପଦା ଆଦି ସହରରେ ଆୟୋଜିତ ଜିଲାସ୍ତରୀୟ ହସ୍ତଶିଳ୍ପ ମେଳାରୁ ପୁରସ୍କୃତ ହୋଇସାରିଛି। ଏଥି ସହିତ ଆମ ପରିବାରରେ ମୋ ଭାଇ ଏବଂ ଭାଉଜ ଏହି କାମରେ ବିଭିନ୍ନ କଳାକୃତି ତିଆରି କରିଥାନ୍ତି। ଧର୍ମପତ୍ନୀ ନିରୁପମା ସାହୁ ମଧ୍ୟ ଏହି କାମରେ ପାରଦର୍ଶିତା ହାସଲକରି ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ପ୍ରାୟ ୨୦୦ମହିଳାଙ୍କୁ ଏହି ତାଲିମ ଦେଇସାରିଲେଣି ଜିଲାପାଳ ପୁରସ୍କାର ପାଇସାରିଛନ୍ତି । ଏପର୍ଯ୍ୟନ୍ତ ଅବଶ୍ୟ ଏହି କଳାକାରିଗରି କାମରେ ଅନେକ ବାଧାବିଘ୍ନ ଆସିଛି, ମାତ୍ର ଭାଙ୍ଗିପଡ଼ିନାହିଁ। ୧୯୮୮ମସିହାରୁ ଆଜିଯାଏ ମୋର ଏହି କଳାକାରିଗରି କାମ ଚାଲିଛି। ଏଥିରେ ବାର୍ଷିକ ପ୍ରାୟ ୪ଲକ୍ଷ ଟଙ୍କା ରୋଜଗାର ହୋଇପାରୁଛି। ଏହା ସହ ମୋତେ ଜଣେ ଟେରାକୋଟା ଶିଳ୍ପୀର ପରିଚୟ ମିଳିପାରିଛି। ଖାଲି ସେତିକି ନୁହେଁ ମୋ ପରିବାରର ଅନ୍ୟମାନେ ଏହି କାର୍ଯ୍ୟରେ ମଧ୍ୟ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। **–ବନବିହାରୀ**





---

# ସାମୁଦ୍ରିକ କଇଁଛ ସୁରକ୍ଷାରେ ରବୀନ୍ଦ୍ର

**ସ୍କୁ**ଲ ବୟସରୁ ସେ ବିଭିନ୍ନ ଜୀବଜନ୍ତୁଙ୍କୁ ଭଲପାଆନ୍ତି। ବିରଳ ପ୍ରାଣୀଙ୍କ ସୁରକ୍ଷା ଲାଗି ଚିନ୍ତା କରନ୍ତି। ସେ ହେଲେ ପ୍ରକୃତିପ୍ରେମୀ **ରବୀନ୍ଦ୍ରନାଥ ସାହୁ** । ସେ କୁହନ୍ତି, 'ମୋ ଗାଁ ଗଞ୍ଜାମ ଜିଲାର ସମୁଦ୍ର ଉପକୂଳବର୍ତ୍ତୀ ପୁରୁଣାବନ୍ଧରେ। ସ୍କୁଲ ବୟସରୁ ଋଷିକୁଲ୍ୟା ନଦୀପଠା ଓ ସମୁଦ୍ର ବେଳାଭୂମିରେ ଘୂରିବୁଲିଛି। ବେଳାଭୂମିରେ ଘୂରି ବୁଲୁଥିବାବେଳେ ବିଭିନ୍ନ ଜୀବଜନ୍ତୁଙ୍କ ସମେତ ବହୁସଂଖ୍ୟକ ସାମୁଦ୍ରିକ କଇଁଛକୁ ଦେଖିଥାଏ। ସେମାନଙ୍କ ମଧ୍ୟରୁ କେତେକ ମରିପଡ଼ିଥାନ୍ତି। ସେ ଦୃଶ୍ୟ ଦେଖି ମୋ ମନ ବହୁତ କଷ୍ଟ ହୁଏ। ଅସହାୟ ପ୍ରାଣୀଙ୍କୁ ଉଦ୍ଧାରକରି କିପରି ସୁରକ୍ଷା ଦେଇପାରିବି ସେ ଚିନ୍ତା ଘାରିଲା। ଏଥିଯୋଗୁ ଗାଁର କେତେଜଣ ଯୁବକଙ୍କୁ ନେଇ ଏକ ସଚେତନ କାର୍ଯ୍ୟ କରିଥିଲୁ। ୧୯୯୪ ମସିହାର ଘଟଣା।

ସାମୁଦ୍ରିକ କଇଁଛ ଗବେଷକ ତଥା ପରିବେଶବିତ୍ ଡ. ବିଭାସ ପାଣ୍ଡବଙ୍କ ସହିତ ଥରେ ସମୁଦ୍ର ବେଳାଭୂମିରେ ଦେଖାହେଲା। ତା'ପରେ ବିରଳ ଜୀବଜନ୍ତୁ ଓ ପରିବେଶ ସୁରକ୍ଷା ସମ୍ପର୍କରେ ସେ କିପରି କାର୍ଯ୍ୟ କରିଛନ୍ତି ତାହା ସେ ଶୁଣାଇଥିଲେ। ଏଥିରୁ ମୋତେ ପ୍ରେରଣା ମିଳିଲା। ସେବେଠାରୁ ସାମୁଦ୍ରିକ କଇଁଛ ସୁରକ୍ଷା ପାଇଁ ଅଧିକ ଆଗଭର ହୋଇଥିଲି। ଋଷିକୂଲ୍ୟା ସାମୁଦ୍ରିକ କଇଁଛ ସୁରକ୍ଷା ସମିତିର ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇଲି। ଏହି ସଂସ୍ଥାରେ ସେତେବେଳେ ୫୬ଜଣ ସଦସ୍ୟ ଥିଲେ। ସେମାନଙ୍କ ସହଯୋଗରେ ସାମୁଦ୍ରିକ କଇଁଛ ସୁରକ୍ଷା ପାଇଁ ଜନସଚେତନ କରିଥାଉ। ଶୀତଋତୁର ପ୍ରାରମ୍ଭରେ ଋଷିକୁଲ୍ୟା ନଦୀର ସଙ୍ଗମସ୍ଥଳ ଓ ମୁହାଣରେ ଏହି ବିରଳ ଅଲିଭ ରିଡ୍‌ଲେ ବା ସାମୁଦ୍ରିକ କଇଁଛଙ୍କ ଆଗମନ ହୋଇଥାଏ। ବଙ୍ଗୋପସାଗର ଉପକୂଳରେ ପ୍ରତିବର୍ଷ ଏହି ବିରଳ ସାମୁଦ୍ରିକ କଇଁଛ ଅଲିଭରିଡ୍‌ଲେଙ୍କ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏଥିସହିତ ଋଷିକୁଲ୍ୟା ମୁହାଣ ନିକଟବର୍ତ୍ତୀ ବାଲୁକାଶଯ୍ୟାରେ ଲକ୍ଷାଧିକ ସଂଖ୍ୟାରେ କଇଁଛ ଅଣ୍ଡାଦାନ କରିଥାନ୍ତି । ଏହି ସମୟରେ ଜଗୁଆଳି ଭଳି ନଜର ରଖିଥାଉ। ସେମାନଙ୍କ ପାଇଁ ନିଆରା ବନ୍ଧୁ ପାଲଟି ଯାଉ। ଏହି ବିରଳ ପ୍ରଜାତିର କଇଁଛ ସୁରକ୍ଷା ପାଇଁ ସେତେବେଳେ ସରକାରୀସ୍ତରରେ ଋଷିକୁଲ୍ୟା ମୁହାଣ ସଂଲଗ୍ନ ପ୍ରୟାଗୀଠାରୁ ଆର୍ଯ୍ୟପଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ୨୦ କି.ମି. ପରିମିତ ଅଞ୍ଚଳକୁ ମାଛଧରା ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଇଥାଏ । ଏହା ମେ' ମାସ ପର୍ଯ୍ୟନ୍ତ ବଳବତ୍ତର ରହିଥାଏ। ସେହିପରି କୂଳରୁ ସମୁଦ୍ର ଭିତରକୁ ୧୦ କି.ମି. ପର୍ଯ୍ୟନ୍ତ ମଧ ମାଛଧରା ନିଷିଦ୍ଧାଞ୍ଚଳ ବା 'ନୋ–ଫିସିଂ ଜୋନ' ଭାବେ ଘୋଷଣା କରାଯାଇଥାଏ। ସେ ସମୟରେ ମାଛଧରା ବୋଟ୍ ଓ ଯାନ୍ତ୍ରିକ ବୋଟ୍ ଚଳାଚଳ ଉପରେ କଟକଣା ଜାରି କରାଯାଇଥାଏ। ଏ ସମ୍ପର୍କରେ ଜନସଚେତନତା କରିଥାଉ। ବିରଳ ସାମୁଦ୍ରିକ କଇଁଛ ସୁରକ୍ଷା ପାଇଁ ରାଜ୍ୟ ଓ ଜାତୀୟ ସ୍ତରରେ ଏକାଧିକ ଥର ସମ୍ମାନିତ ଓ ପୁରସ୍କୃତ ହୋଇଛି ।





## ହାଃ ହାଃ

### ବସିକି ଖାଅ

ଘରେ ବସି ରାଜୁ ଟିଭି ଦେଖୁଥାଏ । ଏତିକିବେଳେ ବାହାରୁ ଶୁଭିଲା– ୪୦୦ ଟଙ୍କାରେ ଜୀବନସାରା ବସିକି ଖାଆନ୍ତୁ ।
ଏହା ଶୁଣି ରାଜୁ ଭାବିଲା ମାତ୍ର ୪୦୦ଟଙ୍କାରେ ଆଜୀବନ ବସିକି ଖାଇବି । ଭାରି ଭଲ କଥା ତ । ଆଉ ଖୁସି ହେଇକି ବାହାରକୁ ଗଲା । ଦେଖିଲା– ଜଣେ ଲୋକ ଚେୟାର ବିକ୍ରି କରୁଛି ।

### ଜଏଣ୍ଟ ଆକାଉଣ୍ଟ

ଗୋବିନ୍ଦ ବ୍ୟାଙ୍କକୁ ଯାଇ: ମୁଁ ଗୋଟେ ଜଏଣ୍ଟ ଆକାଉଣ୍ଟ ଖୋଲିବାକୁ ଚାହୁଁଛି ।
ବ୍ୟାଙ୍କ କର୍ମଚାରୀ: ହଉ ଠିକ୍ ଅଛି । ତେବେ କାହା ସହିତ ଜଏଣ୍ଟ ଆକାଉଣ୍ଟ ଖୋଲିବେ ?
ଗୋବିନ୍ଦ: ଯାହା ଆକାଉଣ୍ଟରେ ବେଶି ବ୍ୟାଙ୍କ ବାଲାନ୍ସ ଥିବ ।

### କ'ଣ ଅଛି

ମାମା ରୋଜିକୁ: ମୋ ପାଖରେ ଗାଡି ଅଛି, ବଡ଼ ଘର ଅଛି, ବ୍ୟାଙ୍କ ବାଲାନ୍ସ ଅଛି । ତୋ ପାଖରେ କ'ଣ ଅଛି ?
ରୋଜି: ମୋ ପାଖରେ ୨୦ ବର୍ଷ ତଳେ ବାହାଘର ସମୟରେ ସିଲେଇ କରିଥିବା ସଲୱାର କମିଜ ଅଛି, ଯାହାକି ଏବେ ବି ମତେ ଫିଟ୍ ହେଉଛି ।

### ଡାଏଟିଂ

ରେଷ୍ଟୁରାଣ୍ଟରେ ୱେଟର ମହିଳାଙ୍କୁ: ମ୍ୟାଡାମ, ଏଇ ପିଜ୍ଜାକୁ ୪ ପିସ୍ କରିବି ନା ୮ ପିସ୍ କରିବି ?
ମହିଳା: ୪ ପିସ୍ କରିଦିଅ । ଆଠ ପିସ୍ କିଏ ଖାଇବ ? ମୁଁ ତ ଡାଏଟିଂ କରୁଛି ।

### ଶାଳୀ

ମନୋଜ ପପୁକୁ: ଶାଳୀ ଅଧା ଘରବାଲିର ଅର୍ଥ କ'ଣ କିରେ ?
ପପୁ: ଇଏ ହେଉଛି ଏମିତି ଏକ ସ୍କିମ୍ ଯାହା ବାହାଘର ପୂର୍ବରୁ ବରକୁ କୁହାଯାଏ । ହେଲେ କେବେ ଦିଆଯାଏ ନହିଁ ।





# ତାପଙ୍ଗ ଗଡ଼

**ପା**ଇକ ବିଦ୍ରୋହର ଅମ୍ଳାନ ସ୍ୱାକ୍ଷର ବହନ କରିଥିବା ତାପଙ୍ଗ ଗଡ଼ର ପରିଚୟ ସ୍ୱତନ୍ତ୍ର । ତାପଙ୍ଗ ଗଡ଼ ଦଳବେହେରାଙ୍କ ବୀରତ୍ୱ, ଦେଶପ୍ରେମ, ତ୍ୟାଗ ଓ ବଳିଦାନର କାହାଣୀ ପ୍ରତି ଓଡ଼ିଆଙ୍କ ପ୍ରାଣରେ ଭରିଦିଏ ସାହସ ଓ ଅନ୍ୟାୟ ବିରୋଧରେ ସଂଗ୍ରାମ କରିବାର ଶକ୍ତି । ଖୋର୍ଦ୍ଧାରୋଡ୍ ରେଳ ଜଙ୍କଶନଠାରୁ ଚିଲିକା–ବାଲୁଗାଁ ଅଭିମୁଖେ ଆସିବା ପଥରେ ପଡ଼ିବ ଧଉଳିମୁହଁ ରେଳଷ୍ଟେଶନ କିମ୍ବା ଖୋର୍ଦ୍ଧାରୁ ଜାତୀୟ ରାଜପଥରେ ଦକ୍ଷିଣ ଦିଗକୁ ପ୍ରାୟ ୧୨ କିମି ଦୂରରେ ପଡ଼ିବ ନିଜିଗଡ଼ ତାପଙ୍ଗ । ସେତେବେଳେ ଖୋରଧା ରାଜ୍ୟର ଯେଉଁ ୭୧ଟି ଗଡ଼ ରହିଥିଲା ସେଥିମଧ୍ୟରେ ନିଜିଗଡ଼ ତାପଙ୍ଗଗଡ଼ ଥିଲା ସ୍ୱତନ୍ତ୍ର । ଏହି ଗଡ଼ ଖୋରଧା ରାଜ୍ୟର ସୀମାନ୍ତ ଦୁର୍ଗ ଭାବେ ପରିଗଣିତ ହେଉଥିଲା । ଏହି ଗଡ଼ର ଦାୟିତ୍ୱରେ ଥିଲେ ଦଳବେହେରା ମାଧବଚନ୍ଦ୍ର ରାଉତରାୟ । ସେ ଥିଲେ ଜଣେ ଶକ୍ତିଶାଳୀ ଓ ସାହସୀ ଯୋଦ୍ଧା । ନିଜିଗଡ଼ ତାପଙ୍ଗ ହେଉଛି ତାଙ୍କ ଗାଁ । ତାପଙ୍ଗଗଡ଼ର ଉତ୍ତରରେ ହାତୀଆ ପାହାଡ଼ । ମା' ହାତୀଆ–ଈଶ୍ୱରୀ ବା ମା' ହସ୍ତେଶ୍ୱରୀ । ଦକ୍ଷିଣରେ ରଜମୁଣ୍ଡିଆ ଅବସ୍ଥିତ । ତାପଙ୍ଗଗଡ଼ର ପୂର୍ବ ଦିଗରେ ଏକ ପାହାଡ଼ ଓ କାଣ୍ଡଗୋଦା ପଡ଼ିଆ ରହିଛି । ଦିନଥିଲା ଅତିତରେ ପାଇକମାନେ ଏଠାରେ ବିଭିନ୍ନ ଦେଶୀ ଅସ୍ତ୍ରଶସ୍ତ୍ର ଗୋପନ ଭାବେ ରଖୁଥିଲେ । ୧୮୨୭ ମସିହାରେ ତାପଙ୍ଗଗଡ଼ ଦଳବେହେରା ମାଧବଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ପାଇକମାନେ ଇଂରେଜ ସେନାଙ୍କ ସହିତ ଲଢେଇ କରିଥିଲେ । ତାପଙ୍ଗଗଡ଼ର କାଣ୍ଡଗୋଦା ରଣଭୂଇଁରେ ପ୍ରଥମ ଦିନର ଯୁଦ୍ଧରେ ତାପଙ୍ଗ ଦଳବେହେରାଙ୍କ ପକ୍ଷରୁ ଧନଞ୍ଜୟ ଶ୍ରୀଚନ୍ଦନ ପ୍ରଧାନ ସେନାପତି ରୂପେ ଯୁଦ୍ଧ ପରିଚାଳନା କରିଥିଲେ । ଏହି ଗଡ଼ର ପାଇକ ବାହିନୀଙ୍କ ଆରାଧ୍ୟା ଦେବୀ ମା' ହସ୍ତେଶ୍ୱରୀ, ମା' ଦକ୍ଷିଣଚଣ୍ଡୀ ଏହି ଯୁଦ୍ଧରେ ସହାୟକ ହୋଇଥିଲେ । ଦ୍ୱିତୀୟ ଦିନ ଯୁଦ୍ଧ ଭୀଷଣ ଆକାର ଧାରଣ କରିଥିଲା । ଉଭୟ ପକ୍ଷରୁ ପ୍ରାୟ ୮୦ଜଣ ନିହତ ହୋଇଥିଲେ । ଏହି ଯୁଦ୍ଧର ପଞ୍ଚମ ଦିନରେ ତାପଙ୍ଗ ଦଳବେହେରା ମା' ହସ୍ତେଶ୍ୱରୀଙ୍କୁ ପୂଜା ଉପାସନା କରି ଇଂରେଜ ସେନାଙ୍କୁ ନିହତ କରିଥିଲେ । କିନ୍ତୁ ଦଳବେହେରାଙ୍କ ଗୁମାସ୍ତା ଥିବା ଦଧିମାଛଗାଡ଼ିଆର ମଧୁସୂଦନ ପଟ୍ଟନାୟକ (ମୌସମ ପଟ୍ଟନାୟକ) ସେଦିନ ରାତିରେ ଇଂରେଜମାନଙ୍କୁ ଦଳବେହେରାଙ୍କ ଅସ୍ତ୍ରାଗାର ଓ ତାଙ୍କ ଆରାଧ୍ୟା ଦେବୀଙ୍କୁ ଅପବିତ୍ର ପାଇଁ ମାରା କରିବାର ଉପାୟ ବତାଇ ଦେଇଥିଲେ । ଫଳରେ ୬ଷ୍ଠ ଦିନ ଯୁଦ୍ଧରେ ଇଂରେଜମାନେ ତାପଙ୍ଗ ଦଳବେହେରାଙ୍କ ଅସ୍ତ୍ରାଗାରକୁ ଧ୍ୱଂସକରିବା ସହିତ ଦେବୀଙ୍କୁ ମଧ୍ୟ ମାରାକରି ଦେଇଥିଲେ । ଏଥିଯୋଗୁ ନିଜେ ଦଳବେହେରା ସେହି ସ୍ଥାନଠାରୁ ଦୂରରେ ରହି ଗୋପନଭାବେ ଆଖପାଖ ଅଞ୍ଚଳରେ ଘୂରିବୁଲି ଇଂରେଜଙ୍କ ବିରୋଧର ସଂଗ୍ରାମ ପାଇଁ ପାଇକମାନଙ୍କୁ ଏକଜୁଟକରି ଯୁଦ୍ଧ କରାଉଥିଲେ । ସେ ସମୟରେ ବିଭିନ୍ନ ଅଞ୍ଚଳରେ ଦଳବେହେରା ଘୂରିବୁଲୁଥିବା ବେଳେ ଥରେ ଚିଲିକା ଅଞ୍ଚଳର ଜଣେ କୈବର୍ତ୍ତ ନିଜର ଅଭାବ ଅସୁବିଧାକୁ ଦଳବେହେରାଙ୍କୁ ଜଣାଇବା ପାଇଁ ଆସୁଥିବା ବେଳେ ଏକ ଜଙ୍ଗଲ ପଥରେ ଜଣଙ୍କ ସହିତ ଭେଟ ହୋଇଥିଲେ । କୈବର୍ତ୍ତଙ୍କ ଦୁଃଖ ଶୁଣି ଦୟାପରାଣୟ ଦଳବେହେରାଙ୍କ ସହିତ ଭେଟ କରେଇଦେବା କହି ସେ କୈବର୍ତ୍ତଙ୍କୁ ସାଥିରେ ଧରି ଇଂରେଜ ସାହେବଙ୍କ ନିକଟରେ ହାଜର ହୋଇ କହିଥିଲେ, ମୁଁ ସେହି ତାପଙ୍ଗଗଡ଼ର ଦଳବେହେରା ମାଧବଚନ୍ଦ୍ର ରାଉତରାୟ, ମୋତେ ଧରିବା ପାଇଁ ଘୋଷଣା ହୋଇଥିବା ପୁରସ୍କାର ରାଶିକୁ ଏଇ କୈବର୍ତ୍ତଙ୍କୁ ଦେବାର ବ୍ୟବସ୍ଥା କରାଯାଉ । ଏତିକି ଶୁଣି ହଠାତ୍ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ ଦଳବେହେରାଙ୍କ ସହିତ ଆସିଥିବା କୈବର୍ତ୍ତ ଏବଂ ଅନ୍ୟମାନେ । ଦଳବେହେରାଙ୍କ ମହାନ୍ ଦେଶପ୍ରେମ, ତ୍ୟାଗ ଓ ସାହାଯ୍ୟକୁ ଅନୁଭବକରି ଦଳବେହେରାଙ୍କ ଉଦ୍ଦେଶ୍ୟରେ ଘୋଷଣା ହୋଇଥିବା ପୁରସ୍କାର ରାଶିକୁ କୈବର୍ତ୍ତ ଗ୍ରହଣ କରି ନ ଥିଲେ । ଏହି ପ୍ରସଙ୍ଗକୁ ପଣ୍ଡିତ ଗୋଦାବରୀଶ ମିଶ୍ର – ନିଅ ମୋର ମୁଣ୍ଡବଳି କବିତାର ଲେଖିଛନ୍ତି ଉକ୍ତ କବିତାର କିଛି ପଂକ୍ତି: ହୋଇଲା ଘୋଷଣା ଆଣି ଦେବ ଯେହ୍ନୁ, ଦଳବେହେରାର ଶିର । ପାଇବ ଥଳିଏ, ସୁନା ମୋହର ସେ ମୁଣ୍ଡଲାଗି ଉପହାର... । କହିଲେ ଧରିଛି ଏ ଧୀବର ମୋତେ ଦିଅ ତାକୁ ସୁନାଥଳି, ତାପଙ୍ଗଗଡ଼ର ଦଳବେହେରା ମୁଁ ନିଅ ମୋର ମୁଣ୍ଡବଳି । ନିଜିଗଡ଼ ତାପଙ୍ଗଠାରେ ଦଳବେହେରାଙ୍କ ପୁରୁଣା କୋଠଘର ରହିଛି । ମାତ୍ର ନୂଆଘରେ ଦଳବେହେରାଙ୍କ ଦାୟାଦମାନେ ରହୁଛନ୍ତି । ଯେଉଁମାନେ ହେଲେ ଦଳବେହେରା ସାମନ୍ତ ମାଧବଚନ୍ଦ୍ର ରାଉତରାୟଙ୍କ ପରେ ନୀଳାମ୍ବର ରାଉତରାୟ, ସନ୍ଥଚରଣ ରାଉତରାୟ, ରାଧାଶ୍ୟାମ ରାଉତରାୟ, ବିଚିତ୍ରାନନ୍ଦ ରାଉତରାୟ ଓ ଭୁବନାନନ୍ଦ ରାଉତରାୟ । ପାଞ୍ଚପିଢିର ଦାୟାଦମାନଙ୍କ ପରିବାର ଗାଁର ବିଭିନ୍ନ ସ୍ଥାନରେ ଅଛନ୍ତି । ଦଳବେହେରାଙ୍କ ପରିବାର ତରଫରୁ ପାରମ୍ପରିକ ରୀତିନୀତିରେ ପ୍ରତିବର୍ଷ ଦଶହରାରେ ମା' ହସ୍ତେଶ୍ୱରୀଙ୍କ ପୀଠରେ ପାର୍ବଣ ଉତ୍ସବ ପାଳନ କରାଯାଇଥାଏ । ଦଳବେହେରାଙ୍କ ବଂଶଧର ସମସ୍ତେ ଏଥିରେ ଯୋଗ ଦେଇଥାନ୍ତି । ଘରେଘରେ ବିଭିନ୍ନ ପିଠାପଣା କରି ଉତ୍ସବ ପାଳନ କରିଥାନ୍ତି । ପାରମ୍ପରିକ ହାତହତିଆରକୁ ସ୍ୱତନ୍ତ୍ର ବିଧି ଅନୁସାରେ କୁଳ ପୁରୋହିତଙ୍କ ଦ୍ୱାରା ମନ୍ତ୍ରପାଠ ଓ ହୋମ କରାଯାଇ ପୂଜାସଜ ବସାଯାଇଥାଏ । ପାଇକ ଘରର ବୀର ରମଣୀମାନେ ପାଟଖଣ୍ଡା ସମେତ ଅନ୍ୟ ସମସ୍ତ ଅସ୍ତ୍ରଶସ୍ତ୍ରକୁ ବନ୍ଦାପନା କରିଥାନ୍ତି । ଅସ୍ତ୍ରଶସ୍ତ୍ର ସଜରୁ ଉଠିଲା ପରେ ପାଇକମାନେ ସ୍ୱତନ୍ତ୍ର ବିଧି ଅନୁସାରେ ଠାକୁରଙ୍କ ପୀଠ ଓ ବିଧି ଘର ସମ୍ମୁଖରେ ପାଇକ ଆଖଡ଼ା ପ୍ରଦର୍ଶନ କରିଥାନ୍ତି । ରାଜ୍ୟ ସରକାରଙ୍କ ତରଫରୁ ତାପଙ୍ଗ ଦଳବେହେରାଙ୍କ ଅସ୍ତ୍ରଶସ୍ତ୍ର ଓ ସିନ୍ଦୁକକୁ ରାଜ୍ୟ ସଂଗ୍ରହାଳୟରେ ରଖାଯାଇଛି ।

**–ବନବିହାରୀ**



**ହୀମାଚଳ ପ୍ରଦେଶର ଏକ ଛୋଟ ପର୍ବତୀୟ ପର୍ଯ୍ୟଟନସ୍ଥଳୀ ହେଉଛି ପବର୍ ଉପତ୍ୟକା ; ଯେଉଁଠାରେ ଦେଖିବା ପାଇଁ ରହିଛି ଅନେକ ଘାଟି, ନଦୀ, ହ୍ରଦ, ବହୁ ପ୍ରାଚୀନ ମନ୍ଦିର, ସେଓ ବଗିଚା ତଥା ଦେବଦାରୁ ଏବଂ ଓକ୍ ଜଙ୍ଗଲ ଇତ୍ୟାଦି ...**







# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ପବର୍ ଉପତ୍ୟକା

ପବର୍ ଉପତ୍ୟକା ହେଉଛି ଏକ ମନୋରମ ପର୍ଯ୍ୟଟନସ୍ଥଳୀ ; ଯାହାକି ହୀମାଚଳ ପ୍ରଦେଶରେ ଅବସ୍ଥିତ। ପର୍ଯ୍ୟଟକ ଏଠାରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ଦେବଦାରୁ ଏବଂ ଓକ୍ ଗଛରେ ଭରା ବହୁ ଉଚ୍ଚ ଉଚ୍ଚ ପାହାଡ଼, ସେଓ ବଗିଚା, ସୌନ୍ଦର୍ଯ୍ୟମୟୀ ପବର୍ ନଦୀର ମନୋରମ ଦୃଶ୍ୟକୁ ବି ଦେଖିପାରିବେ। କେବଳ ସେତିକି ନୁହେଁ, ଏଠାରେ ଟ୍ରେକିଂ, ଫିଶିଂର ମଜା ମଧ୍ୟ ନେଇପାରିବେ।

### କ'ଣ ଦେଖିବେ

ଶିମ୍ଲାଠାରୁ ପ୍ରାୟ ୧୦୦ କି.ମି ଦୂରରେ ଥିବା ଏହି ସୌନ୍ଦର୍ଯ୍ୟମୟୀ ଉପତ୍ୟକାରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀମାନ ଦେଖିପାରିବେ। ଯେମିତିକି...

✻ **ପବର୍ ନଦୀ:** ପବର୍ ଉପତ୍ୟକା ନିକଟ ଦେଇ ପ୍ରବାହିତ ହେଉଥିବା ପବର୍ ନଦୀର ଅପୂର୍ବ ସୌନ୍ଦର୍ଯ୍ୟ ତଥା ସ୍ୱଚ୍ଛ ଜଳରାଶିକୁ ଉପଭୋଗ କରିବା ବେଶ୍ ମନୋରମ ଲାଗେ। ସୂଚନା ରହିଛି ଯେ, କୁଆଡ଼େ ଏହି ପବର୍ ନଦୀର ନାମାନୁସାରେ ପବର୍ ଉପତ୍ୟକାର ନାମକରଣ କରାଯାଇଛି।

✻ **ସେଓ ବଗିଚା:** ପବର୍ ଉପତ୍ୟକାର ନିକଟବର୍ତ୍ତୀ ଅଞ୍ଚଳରେ ସେଓ ଚାଷ କରାଯାଉଥିବାର ସୂଚନା ବି ରହିଛି। ପର୍ଯ୍ୟଟକ ଚାହିଁଲେ ଏଠାକାର ସେଓ ବଗିଚା ଆଡ଼େ ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟିବା ସହ ସୁଲଭ ମୁଲ୍ୟରେ ସେଓ ଏଠାରୁ କିଣି ଆଣିପାରିବେ।

✻ **ଚନ୍ଦ୍ରନହନ ହ୍ରଦ:** ଏହା ସ୍ଥାନୀୟ ଆଉ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। ସମୁଦ୍ରପତ୍ତନରୁ ପ୍ରାୟ ୪୨୬୦ ମିଟର ଉଚ୍ଚତାରେ ଥିବା ଏହି ହ୍ରଦଟିର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ ଦେଖିବାକୁ ବେଶ୍ ମନୋରମ ଲାଗିଥାଏ। ଉଚ୍ଚ ଉଚ୍ଚ ପାହାଡ଼ ଦ୍ୱାରା ଘେରି ହୋଇ ରହିଥିବା ଏହି ହ୍ରଦ ନିକଟକୁ ଯିବାକୁ ହେଲେ ପର୍ଯ୍ୟଟକଙ୍କୁ ଟ୍ରେକିଂ କରିବାକୁ ପଡିଥାଏ।

✻ **ଘାଟିର ଅପୂର୍ବ ଦୃଶ୍ୟ:** ଏହି ଉପତ୍ୟକା ନିକଟରେ ଏକାଧିକ ଘାଟି ଥିବାର ଦେଖିବାକୁ ମିଳିଥାଏ। କହିବାକୁ ଗଲେ, ରୋମାଞ୍ଚକପୂର୍ଣ୍ଣ ଯାତ୍ରାର ମଜା ନେବାକୁ ଇଚ୍ଛା କରୁଥିବା ପର୍ଯ୍ୟଟକଙ୍କ ପାଇଁ ଏହି ସ୍ଥାନଟି ଏକ ବେଷ୍ଟ ଅପ୍ସନ ହୋଇଥାଏ।

### ଟ୍ରେକିଂ ଓ ଫିଶିଂର ମଜା ନିଆରା

ଯେହେତୁ ଏହା ଏକ ପର୍ବତୀୟ ପର୍ଯ୍ୟଟନସ୍ଥଳୀ, ତେଣୁ ଏଠାରେ ଟ୍ରେକିଂ କରି ଆଖାପାଖର ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ବେଶ୍ ଆରାମଦାୟକ ହୋଇଥାଏ। କେବଳ ସେତିକି ନୁହେଁ, ସ୍ଥାନୀୟ ପବର୍ ନଦୀରେ ଫିଶିଂର ମଜା ନେବାକୁ ବି ପର୍ଯ୍ୟଟକଙ୍କୁ ଏଠାରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥାଏ।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ପବର୍ ଉପତ୍ୟକାକୁ ଯିବା ପାଇଁ ମାର୍ଚ୍ଚରୁ ଜୁନ୍ ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ଏହି ସମୟରେ ଏଠାକାର ଜଳବାୟୁ ବୁଲାବୁଲି କରିବାକୁ ବେଶ୍ ଅନୁକୂଳ ରହିଥାଏ। ଫିଶିଂ ଓ ଟ୍ରେକିଂ ପାଇଁ ବି ସୁବିଧା ହୋଇଥାଏ। ସେହିପରି ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ଭଲ ବ୍ୟବସ୍ଥା ରହିଛି। ଶିମ୍ଲା ଏୟାରପୋର୍ଟ ହେଉଛି ଏଠାକାର ନିକଟତମ ବିମାନବନ୍ଦର ; ଯାହାକି ପବର୍ ଉପତ୍ୟକାଠାରୁ ପ୍ରାୟ ୧୦୦ କି.ମି ଦୂରରେ ଅବସ୍ଥିତ। ଅନ୍ୟପକ୍ଷେ ପର୍ଯ୍ୟଟକ ଚାହିଁଲେ ସଡ଼କପଥ ଅବା ରେଳପଥରେ ବି ଆସି ବେଶ୍ ଆରାମରେ ଏହି ଉପତ୍ୟକା ନିକଟରେ ପହଁଞ୍ଚିପାରିବେ।









# ଲାବୁବୁ ଡଲ୍



ଏହି ଡଲ୍ ଦେଖିବାକୁ ବେଶ୍ ଖାସ୍ ଓ ଅଜବ। ତଥାପି ଲାଗେ ଭାରି କ୍ୟୁଟ୍। ଏହାର ଏଭଳି ଲୁକ୍ ହିଁ ସମସ୍ତଙ୍କୁ ଟାଣିଥାଏ ତା' ଆଡ଼କୁ। ତେବେ ଏହାର ଲୋକପ୍ରିୟତାର କଥା ଚାଇନାରୁ ଆରମ୍ଭ। ୨୦୧୯ ମସିହାରେ ଚାଇନାର ଏକ ନାମୀଦାମୀ କମ୍ପାନୀ 'ପପ୍ ମାର୍ଟ' ଯେବେ ଏହାକୁ 'ବ୍ଲାଇଣ୍ଡ ବକ୍ସ' ଫର୍ମାଟ୍‌ରେ ବିକ୍ରି କରିବା ଆରମ୍ଭ କରିଥିଲା ଏହାର ଲୋକପ୍ରିୟତା ସେବେଠାରୁ ଆରମ୍ଭ ହୋଇଥିବା କୁହାଯାଏ। ଅର୍ଥାତ୍ ଏହାକୁ ଏକ ବକ୍ସରେ ବିକ୍ରି କରାଯାଏ, ଗ୍ରାହକଙ୍କୁ ଜଣା ନ ଥାଏ ବକ୍ସ ଭିତରୁ କେଉଁ ଏଡିସନ୍‌ର ଡଲ୍ ବାହାରିବ। ଏମିତିରେ ଲୋକେ ଏହାକୁ ଲକି ଡ୍ର ଭଳି କିଣନ୍ତି। ଫଳରେ ଗ୍ରାହକଙ୍କୁ ଯେତେପର୍ଯ୍ୟନ୍ତ ନିଜ ପସନ୍ଦର ଲାବୁବୁ ନ ମିଳିଛି ସେମାନେ ବ୍ଲାଣ୍ଡ ବକ୍ସକୁ ବାରମ୍ବାର କିଣନ୍ତି। ବକ୍ସ ଖୋଲିବାର ଏକ୍ସାଇଟମେଣ୍ଟ ଓ ସେଥିରୁ ଏକ ଖାସ୍ ଅବା ଲିମିଟେଡ ଏଡ଼ିସନ୍ ବାହାରିବାର ଖୁସି ପାଇଁ ଏହାର ଲୋକପ୍ରିୟତା ଧୀରେ ଧୀରେ ବଢ଼ିଲା।

ଏହି କଣ୍ଢେଇ ଲିମିଟେଡ଼ ଏଡିସନ୍ ହୋଇଥିବାରୁ ବି ଏହାର ଦାମ ଏତେ ଅଧିକ ହୋଇଛି। ଏହାର ପ୍ୟାକେଜିଂ ଷ୍ଟାଇଲ୍, ସର୍‌ପ୍ରାଇଜ୍ ଏଲିମେଣ୍ଟ, ଅନ ବକ୍ସିଂ ଭିଡ଼ିଓ ଓ ସୋସିଆଲ ମିଡିଆ ରିଲ୍ସ, ଯେଉଁଥିରେ ସଂଗ୍ରାହକଙ୍କ ସଂଗ୍ରହ ଆଦି ଦେଖାଯାଏ ତାହା ଛୋଟରୁ ବଡ଼ ସମସ୍ତଙ୍କର ଆକୃଷ୍ଟ କରିଛି। ଏହାଛଡ଼ା କେ-ପପ୍ ଷ୍ଟାର ଲିସା ଯେବେ ଲାବୁବୁ ଡଲ୍ ସହ ନିଜର ଫଟୋକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କଲେ ଏହି ଡଲ୍‌ର ଚାହିଦା ଶୀର୍ଷରେ ପହଞ୍ଚି ଗଲା। ଆଉ ଥାଇଲାଣ୍ଡ ଓ ପୁରା ଦକ୍ଷିଣ ପୂର୍ବ ଏସିଆରେ ଲୋକପ୍ରିୟ ହୋଇଗଲା। କେବଳ ଲିସା ନୁହନ୍ତି ଆହୁରି ଅନେକ ଅନ୍ତର୍ଜାତୀୟ ସେଲିବ୍ରିଟି ଏହି ଟ୍ରେଣ୍ଡରେ ସାମିଲ ହୋଇଛନ୍ତି। ରିହାନାଙ୍କଠୁ ଆରମ୍ଭ କରି ଦୁଆ ଲିପା ଓ ବଲିଉଡ ଅଭିନେତ୍ରୀ ଅନନ୍ୟା ପାଣ୍ଡେ, ଉର୍ବଶୀ ରୌତେଲା ବି ଏହି ଡଲ୍‌ର ଆସେସରିଜ୍ ସହ ଦେଖିବାକୁ ମିଳିଛନ୍ତି। ଅନନ୍ୟା ପାଷ୍ଟେଲ ପିଙ୍କ କଲର୍ ଲାବୁବୁ କି ଚେନ୍ ଧରିଥିବା ଦେଖିବାକୁ ମିଳିଥିଲା। ଫଳରେ ଲାବୁବୁ ଡଲ୍ ନୂଆ ଫ୍ୟାଶନ ଟ୍ରେଣ୍ଡ ପାଲଟିଗଲା। କେହି କେହି ଏହାକୁ ନିବେଶଭାବେ ମଧ୍ୟ କିଣୁଛନ୍ତି। କାରଣ ନିକଟରେ ବେଜିଂରେ ଏକ ୧୩୧ ସେ.ମି. ଉଚ୍ଚତାର ଲାବୁବୁ ଡଲ୍ ୧.୦୮ ମିଲିୟନ ୟେନ ତଥା ପ୍ରାୟ ୧.୨ କୋଟି ଟଙ୍କାରେ ନିଲାମ ହୋଇଥିଲା। ଏହାର ଛୋଟ ଭର୍ଜନ ବି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି ହେଉଛି।

ଭାରତରେ କିଛି ସେଲିବ୍ରିଟି, ସୋସିଆଲ ମିଡ଼ିଆ ଇନ୍‌ଫ୍ଲୁଏନ୍ସର ଓ ୟୁଟ୍ୟୁବର୍ସ ଏହାକୁ ନିଜ ଭିଡ଼ିଓରେ ଦେଖାଇବା ପରେ ଭାରତୀୟଙ୍କ ଭିତରେ ବି ଏହାର କ୍ରେଜ୍ ବଢିଛି। ଏହାକୁ ସଜାଇବା, ଉପହାରସ୍ୱରୂପ ପ୍ରଦାନ କରିବା ପାଇଁ କିଣାଯାଉଛି। ଏହାକୁ ସେଲିବ୍ରିଟିମାନେ ନିଜ ବ୍ୟାଗରେ ଝୁଲାଉଛନ୍ତି। ତେବେ ଲାବୁବୁଠାରୁ ଏବେ ଦୂରେଇ ରହିବାକୁ ଅନେକେ କହୁଛନ୍ତି। କାରଣ ବିଶ୍ୱାସ କରାଯାଉଛି ଯେ, ଏହା ଭିତରେ ସଇତାନ ବାସ କରୁଛି। ଯଦିଓ ଏହା କେତେ ସତ ଜଣାପଡ଼ିନି।



**ଏକ କାଳ୍ପନିକ ଚରିତ୍ରକୁ ଆଧାର କରି ଲାବୁବୁ ଡଲ୍ ତିଆରି ହୋଇଛି। ୨୦୧୫ରେ ହଂକଂର ଆର୍ଟିଷ୍ଟ କସିଂ ଲୁଙ୍ଗ ନର୍ଡିକ, ପରିକଥାରୁ ପ୍ରେରିତ ହୋଇ ଏହାକୁ ତିଆରି କରିଥିଲେ। ଏହାର ବଡ଼ ବଡ଼ ଆଖି, ସଇତାନ ଭଳି ହସ, ବାହାରକୁ ବାହାରିଥିବା ମୁନିଆ ଦାନ୍ତ ଯେତିକି ଭୟଙ୍କର ସେତିକି କ୍ୟୁଟ୍ ଓ ଷ୍ଟାଇଲିଶ୍ ବି ଲାଗେ। ଲୁଙ୍ଗ କେବେ ଭାବି ନ ଥିଲେ ତାଙ୍କର ଏହି ଅଜବ କଣ୍ଢେଇ ୧୦ବର୍ଷ ପରେ ଏତେ ଲୋକପ୍ରିୟ ହେବ ବୋଲି...**

# କବର ଖୋଳା ପ୍ରତିଯୋଗିତା



କିଛି ଧର୍ମରେ ମୃତ୍ୟୁ ପରେ ମଣିଷଙ୍କୁ କେଇ ହାତ ମାଟି ଖୋଳି କବର ଦିଆଯାଏ। କବର ହେଉଛି ମୃତ୍ୟୁ ପରର ବିଶ୍ରାମସ୍ଥଳ। ତେବେ ଜାଣନ୍ତି କି ହଙ୍ଗେରୀରେ କବର କେବଳ କାହାରି ମୃତ୍ୟୁ ହେଲେ ଖୋଳା ଯାଏନି। ବରଂ ଏଠାରେ କବର ଖୋଳିବାର ଏକ ପ୍ରତିଯୋଗିତା ବି ଆୟୋଜନ ହୁଏ, ଯେଉଁଥିରେ ଶହଶହ ଲୋକ ଅଂଶ ଗ୍ରହଣ କରନ୍ତି। ହଙ୍ଗେରୀ କବରଖାନାର ସଞ୍ଚାଳକ ସଂଘ ଏହି ପ୍ରତିଯୋଗିତାର ଆୟୋଜନ କରିଥାନ୍ତି। ଏହା ପଛର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଅବଗତ କରାଇବା ଯେ, ଖବର ଖୋଳିବା ଛୋଟିଆ ନୁହେଁ ବରଂ ଏକ ସମ୍ମାନଜନକ କାମ। ଯେଉଁଥିରେ ବହୁତ ପରିଶ୍ରମ ଓ ଧୈର୍ଯ୍ୟର ଆବଶ୍ୟକତା ପଡେ। ଏହା ଏକ କଳା ମଧ୍ୟ। ଏଥିରେ ପ୍ରତିଯୋଗୀମାନେ ଦୁଇ ଜଣିଆ ଟିମ୍ ହୋଇ କବର ଖୋଳନ୍ତି। ସେମାନଙ୍କୁ ଦୁଇ ଘଣ୍ଟା ଭିତରେ ୨ ମିଟର ଲମ୍ବା, ୮୦ ସେ.ମି. ଚଉଡା ଓ ୧.୬ ମିଟର ଗଭିର କବର ଖୋଳିବାକୁ ହୁଏ। ପ୍ରତିବର୍ଷ କବର ଖୋଳିବାର ନୂଆ ଉପାୟ, କୌଶଳ ଏହି ପ୍ରତିଯୋଗିତାରେ ଦେଖିବାକୁ ମିଳେ। ଯେଉଁଥିରୁ ଜଣାପଡ଼େ ଯେ, କବର ଖୋଳିବାରେ କେବଳ ପରିଶ୍ରମ ନ ଥାଏ ବରଂ ଏହା ଏକ କଳା ଓ ପେସାଦାର କୌଶଳ ବି।



## କଥା ଚାଟ୍




ଓଁ ଅଭିଜ୍ଞାନ ସାହୁ

# ଚୋରି ମାହାତ୍ମ୍ୟ

ଅନେକ ଦିନ ହେଲାଣି ମନରେ ଭାରି ଦୁଃଖ। ଯେତେବେଳେ ବି ଫେସ୍‌ବୁକ୍ ଖୋଲୁଛି ମନରେ ଅବସାଦ ଭରି ଯାଉଛି। ପ୍ରତିଦିନ କାହାର ନା କାହାର ଲେଖା ଚୋରି ହେଉଛି, କେଉଁ ରାତିଅଧିଆ ସୁନ୍ଦରୀ ସାହିତ୍ୟିକା ମେସେଞ୍ଜରରେ କେଉଁ ସାହିତ୍ୟିକକୁ ନତୁବା କେଉଁ ନାମଜାଦିଆ ସାହିତ୍ୟିକ ନୂଆ ନୂଆ ଲେଖୁଥିବା ସାହିତ୍ୟିକାଙ୍କୁ ପ୍ରେମ ନିବେଦନ କରୁଛନ୍ତି। ମୁଁ ଏମିତି ହତଭାଗା ଯେ ଆଜି ଯାଏ କେଉଁ କରୀନା କି ମାଧୁରୀ ଛାଡ଼ କାମିନୀ କି ଦାମିନୀ ବୋଲି ଜଣେ କେହି ମୋତେ ଥରେ ବି ମେସେଜ କଲେ ନାହିଁ । ଅନେକ ଦିନ ହେଲା ଲେଖାଲେଖି କରିଲା ପରେ ବି ଯଦି ମୋର କୌଣସି ଗୋଟିଏ ଲେଖା ଆଜି ଯାଏ ଚୋରି ହେଲାନାହିଁ ତେବେ ଧରିନେବାକୁ ହେବ ଯେ ସାଧୁ ପାଠକଙ୍କ କଥା ଛାଡ କେଉଁ ଅସାଧୁ ପାଠକଙ୍କୁ ବି ମୋ ଲେଖା ପସନ୍ଦ ହେଉ ନାହିଁ । ମୋତେ ମେସେଞ୍ଜରରେ ପ୍ରେମିକ ବାର୍ତ୍ତା ଆସୁନି ମାନେ ମୋ ଦେଇ ଖଡ଼ା ସିଝିବନି ବୋଲି ସେ ସମସ୍ତେ ଜାଣିସାରିଛନ୍ତି । ନିକଟରେ ଗୋଟେ ସାହିତ୍ୟ ସଭାକୁ ଯାଇଥିଲି, ଜଣେ ଅତିଥିଙ୍କ ପରିଚୟ ଦେବାକୁ ଯାଇ ଆୟୋଜକ କହିଲେ ଏ ଲେଖକଙ୍କ ପ୍ରାୟ ସବୁ ଲେଖା ଚୋରି ହୋଇ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଆସୁଛି। ତାଙ୍କ ପରିଚୟ ପ୍ରଦାନରୁ ଲାଗୁଥିଲା ଯେମିତି ଲେଖା ଚୋରି ହେବା ମାନେ ଲେଖାର ଗୁଣାତ୍ମକ ମାନ ବଢିବା ସହ ଲେଖକ ପ୍ରତିଷ୍ଠା ପାଇବେ । ସେଠି ମୁଁ ଭାବୁଥିଲି ଆହାଃ କେତେ ଭାଗ୍ୟବାନ ସେ ଲେଖକ, ସମାଜର ସାଧୁ ଅସାଧୁ ଜାତି ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କୁ ତାଙ୍କ ଲେଖା ପସନ୍ଦ ଆସୁଛି । ଏତେ ଲୋକଙ୍କ ଏତେ ଲେଖା ଚୋରି ହେଉଛି ଅଥଚ ମୋର ଗୋଟେ ଚୋରି ହେଉଛି ବୋଲି ଖବର ମିଳୁନି। ସତରେ କ'ଣ ମୁଁ ଏତେ ଖରାପ ? ଲାଗୁଛି ଅବହେଳିତ ବ୍ୟଙ୍ଗ ସାହିତ୍ୟ ଭଳି ବ୍ୟଙ୍ଗକାରମାନେ ମଧ୍ୟ ଆଜି କୋଣଠେସା ହେଇ ରହିଯାଇଛନ୍ତି । କାନ୍ଦୁରା ସାହିତ୍ୟ ଯେଉଁ ପରିମାଣରେ ଚୋରି ହେଉଛି ସେହି ଅନୁପାତରେ ହାସ୍ୟ ସାହିତ୍ୟ ଚୋରି ହେଉନାହିଁ । ଅଭାବୀ ଦୁନିଆରେ ଲୋକଙ୍କୁ ହସିବା ମନା ।

କିଛିଦିନ ତଳେ ଜଣେ ପାଠକ ବନ୍ଧୁ କହିଲେ, ଚିତ୍ର ଚୋରି ହେଉଛି, ଗପ କବିତା ଚୋରି ହେଉଛି ଏମିତି କି ଆଜିକାଲି ଶ୍ରଦ୍ଧାଞ୍ଜଳି ଓ ଜନ୍ମଦିନର ଶୁଭେଚ୍ଛା ଲେଖା ବି ଚୋରି ହେଲାଣି ହେଲେ ଏତେଦିନ ଧରି ତୁ ଲେଖାଲେଖି କରୁଥିଲେ କ'ଣ ହେବ ତୋର ଗୋଟିଏ ବି ଲେଖା ଚୋରି ହୋଇପାରିଲାନି ! ଭାରି ଦୁଃଖ ଓ ଲଜ୍ଜାଜନକ କଥା ନିଶ୍ଚୟ । ଯଦି ପାରୁଛୁ ଲୋକଲଜ୍ଜା ନିବାରଣ ପାଇଁ ଦୁଇ ତିନିଟା ଫେକ୍ ଆଇଡି ଫେସ୍‌ବୁକ୍‌ରେ ଖୋଲି ତୋ ଲେଖାକୁ ସେଥିରେ ପୋଷ୍ଟ କରିଦେ । ତା'ପରେ ତା'ର ସ୍କ୍ରିନ୍‌ସଟ ଦେଇ ଲେଖିବୁ 'ମୋ ଲେଖା ଚୋରିହେଇଛି'। ଅନ୍ତତଃ ପକ୍ଷେ ଚୋରମାନଙ୍କ ଦୃଷ୍ଟିରେ ତ ଲେଖକର ମାନ୍ୟତା ପାଇବା ସହ ସମସ୍ତେ ଜାଣିବେ ଯେ ଇଏ ଗୋଟେ କେଉଁ ଭୂଇଁଫଟା ଲେଖକ ଅଛି, ଯାହାର ଲେଖା ଚୋରି ହେଲା ଭଳି ଯୋଗ୍ୟତା ରଖିଛି । ଭାଗ୍ୟ ତେଜ ଥିଲେ କିଛି ସୁନ୍ଦରୀ ପାଠିକାଙ୍କ ନଜରକୁ ବି ଆସି ଯିବୁ । କଥା ହେଲା ଭେକ ଥିଲେ ଭିକ ମିଳିବ । ସାହିତ୍ୟରେ ଖାଲି ଭଲ ଲେଖିଦେଲେ ହେବନି । ଏମିତି କେତେ ବଣମଲ୍ଲୀ ଆସି ଝଡି ଗଲେଣି କେହି ଜାଣିନାହାନ୍ତି। ଏଇଟା ପ୍ରଚାର ଯୁଗ । ଯଦି ରାମ ରାମ ଜପି ନ ପାରୁଛୁ ତେବେ ମରା ମରା ଜପ । ଭଲ ଲେଖା ଯୋଗୁ ଯଦି ଲୋକଙ୍କ ଦୃଷ୍ଟିରେ ଆସୁନୁ ତେବେ ସବୁଠୁ ଅଧିକ ଲେଖା ଚୋରି ହୋଇଥିବା ଲେଖକ ହିସାବରେ ନାଁ କମେଇଯା।''

ମୋର ମଧ୍ୟ ଆନ୍ତରିକ ଇଚ୍ଛା ଯେ ରାତି ପାହିଲେ ମୁଁ ମୋର ଲେଖାଗୁଡିକୁ ହ୍ୱାଟ୍ସଆପ୍ ଗ୍ରୁପ୍ ଓ ବିଭିନ୍ନ ଲୋକଙ୍କ ଟାଇମ ଲାଇନରେ ଦେଖନ୍ତି । ମୋ ଲେଖାକୁ ପ୍ରକାଶଯୋଗ୍ୟ ନୁହେଁ ବୋଲି କହୁଥିବା ସମ୍ପାଦକମାନେ ତାଙ୍କ ପ୍ରଶଂସକଙ୍କ ଦ୍ୱାରା ଚୋରି ହୋଇଥିବା ମୋ ଲେଖାକୁ ଅତି ଉପାଦେୟ ଲେଖା ଭାବେ ସେମାନଙ୍କ ପତ୍ରିକାରେ ଛାପନ୍ତେ । ପ୍ରତିଭା ପୂଜକମାନଙ୍କ ଅଣଦେଖାରେ ରହିଯାଉଥିବା ମୋ ଲେଖାଗୁଡିକୁ ଯୋଗାଡ଼ିଆମାନେ ନିଜ ନାଁରେ ଛାପି ରାଜ୍ୟ ତଥା ଦେଶ ପାଇଁ ସମ୍ମାନଜନକ ପୁରସ୍କାର ସବୁ ସାଉଁଟି ଆଣୁଥାନ୍ତେ। ଏମିତିରେ ଅତୀତରେ ଅନ୍ୟର ଲେଖାକୁ ନିଜର କହି ବେଶ୍ କିଛି ନାମକରା ସାହିତ୍ୟିକ ସମ୍ମାନଜନକ ପୁରସ୍କାର ହାତେଇ ଥିବାର ଅଭିଯୋଗ ଅଛି। ଥରେ ଜଣେ ନିଜକୁ କବୟିତ୍ରୀର ପରିଚୟ ଦେଇ ମୋତେ ଫୋନ କରି କହିଲେ ମୋର ଗୋଟେ କବିତା ଜଣେ ଚୋରି କରି ତାଙ୍କ ନିଜ ନାଁରେ ଛପେଇ ଦେଇଛି। ମୁଁ ତାଙ୍କ ନାଁ ପଚାରିଲି ଆଉ ଯେତେ ମନେ ପକେଇଲେ ବି ତାଙ୍କ ନାଁ ଆଗରୁ ଶୁଣିଥିଲା ଭଳି ମନେହେଲାନି । ସଙ୍କୋଚର ସହ ପଚାରିଲି, ଆପଣଙ୍କ କେଉଁ ଲେଖା କେଉଁଠି ଛପା ହୋଇଥିଲା । ମୋ



କଥା ଶୁଣି ସେ କହିଲେ, ମୋର ସେ ଭାଗ୍ୟ କାହିଁ ଯେ ଲେଖା କେଉଁଠି ଛପା ହେବ । ମୁଁ ଫେସ୍‌ବୁକ୍‌ରେ ଲେଖେ । ସେଇଠୁ ଜଣେ ଚୋରି କରି ତାକୁ ନିଜ ନାଁରେ ପୋଷ୍ଟ କରିଦେଇଛି । ଏ ବିଷୟରେ ମୁଁ ଫେସ୍‌ବୁକ୍‌ରେ ପୋଷ୍ଟ କରିଛି । ଆପଣ ସେଥିରେ କଡା ଶବ୍ଦରେ ନିନ୍ଦା କରି କିଛି ଲେଖନ୍ତୁ । କିଛି ସମୟ ମୁଁ ଭାବିବାକୁ ଲାଗିଲି । କାହାର ଲେଖା ଚୋରି ହେଉନି ବୋଲି ଦୁଃଖ, ଆଉ କାହାର ଲେଖା ଚୋରି ହେଉଛି ବୋଲି ଦୁଃଖ । ସତରେ ଗଞ୍ଜେଇ ଟାଣି ଟାଣି ପ୍ରଭୁଙ୍କ ମୁଣ୍ଡ ମେଣ୍ଟାଲ ହୋଇଗଲାଣି । ଯେଉଁଠି ବର୍ଷା ଦରକାର ସେଠି ଚାଷ ଜମି ଫାଟି ଆଁ କଲାଣି ଆଉ ଯେଉଁଠି ବେଙ୍ଗ ମୂତିଲେ ରାସ୍ତା ବୁଡି ଘରେ ପାଣି ପଶୁଛି ସେଠି ଦିନ ରାତି ବର୍ଷା କାଟୁଛି । ଯଥାସମ୍ଭବ ନିଜ ଭାବନାକୁ ନିଜ ଭିତରେ ରଖି କହିଲି, ଦେଖନ୍ତୁ ମ୍ୟାମ୍, ଆପଣ ଲେଖିଲେ ଯେତିକି ଲୋକ ପଢୁଥିଲେ ଲେଖା ଚୋରି ହେଇକି ହେଉ କିମ୍ବା ଅନ୍ୟ କେହି ଶେୟାର କରି ହେଉ ଯଦି ଲେଖାଟି ବୃହତ୍ ପାଠକଙ୍କ ପାଖରେ ପହଞ୍ଚି ପାରିଲା ତେବେ ଜାଣନ୍ତୁ ଆପଣଙ୍କ ଶ୍ରମ ସାର୍ଥକ ହେଲା। ଜନ୍ମ କଲା ପୁଅର ଲାଳନପାଳନ ଯଦି ଠିକ୍ ଭାବେ କରିପାରୁନ ସେହି କ୍ଷେତ୍ରରେ ଆଉ ଜଣେ କେହି ତାକୁ ପାଳିପୋଷି ବଡ଼ କଲା ତେବେ ଜନ୍ମକଲା ମାଆ ଖୁସି ହେବା କଥା । ଯାହାହେଉ ଏତେ କଷ୍ଟ କରି ଲେଖିଲା ପରେ ଯଦି ଦଶ ପନ୍ଦର ଜଣ ପାଠକଙ୍କ ପାଖରେ ପହଞ୍ଚେଇବାର ସାମର୍ଥ୍ୟ ଆମର ନାହିଁ ତେବେ କେହି ଜଣେ ସୁହୃଦୟ ବ୍ୟକ୍ତି ଆମ ଲେଖାକୁ ନେଇ ହେଉ ପଛେ ଯଦି ଦୁଇ ଶହ ପାଠକଙ୍କ ପାଖରେ ପହଞ୍ଚେଇ ପାରିଲା ତେବେ ତାକୁ ଧନ୍ୟବାଦ ଦେବା କଥା । ଅନ୍ତତଃ ଶ୍ରମ ତ ବେକାର ଗଲାନି ଏବଂ ଖୁସି ମିଳିବା କଥା ଯେ ସତରେ ଭଲ ଲେଖିଥିଲେ ବୋଲି ସେ ଲେଖା ଉପରେ ଏତେ ଲୋକଙ୍କ ଥିବା ପ୍ରଶଂସାରୁ ଜାଣିଲେ । ତେଣୁ ଆପଣ ମନ ଦୁଃଖ ନ କରି ବରଂ ଖୁସି ହୁଅନ୍ତୁ ଆପଣଙ୍କ ଶ୍ରମ ଆହୁରି ଅଧିକ ପାଠକଙ୍କ ପାଖରେ ପହଞ୍ଚିଲା । ଆମ ଦେଶରେ ସାହିତ୍ୟ ଚୋରି ପାଇଁ ଦଣ୍ଡ ଖୁବ୍ କୋହଳ। ଉନ୍ନତ ପ୍ରଯୁକ୍ତିବିଦ୍ୟାର ସମୟରେ ଯେତେ ସତର୍କ ରହିଲେ ବି ଚୋରିକୁ ରୋକିବା କଷ୍ଟ । ନିଜ କଷ୍ଟସାଧ୍ୟ ସୃଷ୍ଟିକୁ ଅନ୍ୟ କେହି ଚୋରି କରି ସହଜ ପ୍ରସିଦ୍ଧି ପାଉଛି ବୋଲି ଚିନ୍ତା କରି ମାନସିକ ଅବସାଦ ଭିତରେ ରହିବା ଅପେକ୍ଷା ବରଂ ଆପଣଙ୍କ ଲେଖା ଉନ୍ନତମାନର ଓ ଚୋରକୁ ପ୍ରଚୁର ପାଠକାଦୃତି ମିଳିବ ବୋଲି ଚୋରି ହେଉଛି ଭାବି ମନକୁ ସାନ୍ତ୍ୱନା ଦିଅନ୍ତୁ। ଦେଖିବେ ନିଜ ଲେଖକୀୟ ସାମର୍ଥ୍ୟ ପ୍ରତି ଆତ୍ମବିଶ୍ୱାସ ବଢିବା ସହ ମନକୁ ଖୁସି ମିଳିବ। ଆଉ ରହିଲା ନାଁ ହେବା କଥା । ଏଠି ଖ୍ୟାତନାମା ଲେଖକଙ୍କ ମରିବାର ମାସେ ନ ଯାଉଣୁ ଲୋକେ ତାଙ୍କୁ ଭୁଲି ଯାଉଛନ୍ତି । ଅନେକ ଭଲ ଲେଖକ ମଲା ଯାଏ ଖଣ୍ଡେ ମାନପତ୍ରକୁ ଯୋଗ୍ୟ ହେଲେ ନାହିଁ ଆଉ ଆପଣ ଯଦି ଭାବୁଥାନ୍ତି ସେ କବିତା ଯୋଗୁ ଆପଣଙ୍କୁ ନୋବେଲ ପୁରସ୍କର ମିଳିଥାନ୍ତା ଆଉ ଏ ଚୋରି ହେବା ଯୋଗୁ ତାହା ଅଧାବାଟରେ ଅଟକି ଗଲା ତେବେ ମୋର କିଛି କହିବାର ନାହିଁ। କବୟିତ୍ରୀ କ'ଣ ଭାବିଲେ କେଜାଣି ସେପଟୁ ଫୋନ କାଟିଦେଲେ ।

କୌଣସି ଚୋରି ସହଜ ନୁହେଁ । ଏଥିପାଇଁ ଅସମ୍ଭବ ସାହସ ଓ ବୁଦ୍ଧି ଦରକାର । ଯେଉଁ ବ୍ୟାଙ୍କ ଲୁଟିବାକୁ ଚୋରକୁ ଅଧଘଣ୍ଟା ସମୟ ଲାଗିଥିଲା ସେ ଚୋରି କେମିତି ସମ୍ଭବ ହେଲା ତାକୁ ବୁଝିବାକୁ ଉଚ୍ଚ ପ୍ରଶିକ୍ଷିତ ପୋଲିସକୁ ସ୍ଥଳ ବିଶେଷରେ ପାଞ୍ଚ ଦିନରୁ ପାଞ୍ଚ ମାସ ସମୟ ଲାଗିଯାଏ । ସେମିତି ଲେଖା ଚୋରି ସହଜ କାମ ନୁହେଁ । କେଉଁ ଲେଖାକୁ ଚୋରି କରିବ । କେତିକି କାଟିବ କେଉଁଠୁ କାଟିବ କେତିକି ଯୋଡିବ କେଉଁଠୁ ଚୋରି କରି କେଉଁ ପତ୍ରିକାରେ ଛାପିବ ଏ ସବୁ ନିଖୁଣ ଗବେଷଣାର କାମ । ଏଥିପାଇଁ ବହୁ ଅଭିଜ୍ଞତା ଓ ବୁଦ୍ଧି ଜରୁରୀ । ବେଳେବେଳେ ଚୋରି ଲେଖା ଆଗରେ ଅରିଜିନାଲ ଲେଖା ମଳିନ ପଡିଯାଉଛି । ନେଇ ଆଣି ଥୋଇ ଜାଣିଲେ ଚୋରି ବିଦ୍ୟା ଭଲ । ସାହିତ୍ୟ ଚୋରି କରିବାକୁ ସାହିତ୍ୟ ଉପରେ ରୀତିମତ ଗବେଷଣା ଆବଶ୍ୟକ। ସେଥିପାଇଁ ବୋଧେ ଅତୀତରେ ଅନେକ ପ୍ରତିଷ୍ଠିତ ଗାୟକ, ନାୟକ, ବାୟକ, ସିନେମା ନିର୍ମାତା – ନିର୍ଦ୍ଦେଶକ, ସ୍ଥପତି, ଚିତ୍ରକର, ଲେଖକଙ୍କ ନାମରେ ଚୋରି ଅଭିଯୋଗ ଆସିଛି । ଯଶ, ମାନ ସମ୍ମାନର ଶିଖର ଦେଶରେ ଥିବା ଏହି ସବୁ ପ୍ରତିଭାବାନ୍ ବ୍ୟକ୍ତିଙ୍କ ପାଇଁ ଚୋରି ଭଳି ଅପବାଦଟା ଜହ୍ନରେ କଳଙ୍କ, ସୁନାରେ ଖାଦ, କ୍ଷୀରରେ ନିର ଭଳି ପ୍ରତୀୟମାନ ହୋଇଛି ।


*–ବନମାଳୀ ଭବନ, ଖାନ୍‌ନଗର, କଟକ*
*ମୋ:୯୪୩୭୦୧୦୭୫୮*

## ସମୀକ୍ଷାୟନ

### ଶ୍ରୀ ସାହିତ୍ୟ

**ଅସ୍ମିତା ବିଶେଷାଙ୍କ ୨୦୨୫, ସମ୍ପାଦକ କୃଷ୍ଣ ନାୟକ, ୩୧୨/୩୦୩୨, ଝାରପଡା, ବୁଦ୍ଧେଶ୍ୱର କଲୋନୀ, ଭୁବନେଶ୍ୱର-୬, ମୂଲ୍ୟ-୨୫୧ଟଙ୍କା**

'ଶ୍ରୀ ସାହିତ୍ୟ' କୃଷ୍ଣ ନାୟକଙ୍କ ସମ୍ପାଦନାରେ ଶରତ ସଂଖ୍ୟାର ଅସ୍ମିତା ବିଶେଷାଙ୍କ ପ୍ରକାଶିତ ହୋଇଛି। ଏଥିରେ ପ୍ରଫେସର ମନୋରଞ୍ଜନ ମହାନ୍ତି, ସ୍ୱରାଜ ମଶ୍ର, ଶ୍ରୀକାନ୍ତ ଚାଟାର୍ଜୀ, ପ୍ରଫେସର କିଶୋର କୁମାର ବଶା, ପ୍ରଫେସର ପଞ୍ଚାନନ ମହାନ୍ତି, ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ପ୍ରଫେସର ବସନ୍ତ କୁମାର ପଣ୍ଡା, ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଫେସର କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଫେସର ବୈଷ୍ଣବ ଚରଣ ସାମଲ, ଡ଼. ପ୍ରଦୀପ୍ତ କୁମାର



ପଣ୍ଡା, ଡ. ବିଜୟଲକ୍ଷ୍ମୀ ଦାଶ, ଡ. ବିବେକାନନ୍ଦ ପାଣିଗ୍ରାହୀ, ସିକତା ଦାସ, କୀର୍ତ୍ତନ ନାରାୟଣ ପାଢୀ, କପିଳାସ ଭୂୟାଁ,ମମତା ମିଶ୍ର, ସୁନନ୍ଦା ମିଶ୍ର ପଣ୍ଡା ଓ ପ୍ରଫେସର ଆଦ୍ୟାଶା ଦାସ ପ୍ରମୁଖଙ୍କ ଅନେକ ଉପାଦେୟ ଓ ଉଚ୍ଚକୋଟିର ଲେଖା ସ୍ଥାନୀତ ହୋଇଛି। ଅସ୍ମିତାର ମୂଳ ଅର୍ଥ ମୁଁ ଅଛି । ଅର୍ଥାତ୍ ମୋର ପରିଚୟ, ଆତ୍ମବୋଧ, ସମ୍ମାନ ଓ ସଂସ୍କୃତି ରହିଛି । ମୋ ଅସ୍ତିତ୍ୱକୁ ନେଇ ମୋ ସ୍ୱାତନ୍ତ୍ର୍ୟ, ନିଜ ବିଶେଷତ୍ୱକୁ ଜାଣିବା ଓ ଚିହ୍ନିବା ଏବଂ ତାକୁ ନେଇ ଗର୍ବ ଅନୁଭବ କରିବା ହେଉଛି ଅସ୍ମିତା । ଅସ୍ମିତା ହେଉଛି ଅତୀତ ସହିତ ବର୍ତ୍ତମାନର ସେତୁ । ତେଣୁ ଏଥିରେ ପ୍ରକାଶିତ ସମସ୍ତ ପ୍ରବନ୍ଧ ଅତ୍ୟନ୍ତ ଉଚ୍ଚକୋଟିର ଏବଂ ସୁଖପାଠ୍ୟ।

### ଯୁଗଶ୍ରୀ ଯୁଗନାରୀ

**ପ୍ରକାଶିକ ଓ ସମ୍ପାଦିକା : ମମତା ମହାପାତ୍ର, ନେଳିଆବାଗ, ଶ୍ରୀକଣ୍ଠପୁର, ବାଲେଶ୍ୱର, ମୂଲ୍ୟ- ୮୦ଟଙ୍କା**

ସମ୍ପାଦିକା ମମତା ମହାପାତ୍ରଙ୍କ ସମ୍ପାଦନାରେ 'ଯୁଗଶ୍ରୀ ଯୁଗନାରୀ'ର ପୂଜା ସଂଖ୍ୟା ପ୍ରକାଶ ପାଇଛି । ଏଥିରେ ଶିକ୍ଷାବିତ୍ ଓ ସମାଜସେବୀ ଦୀପା ପାଢୀଙ୍କ ସହ ସାକ୍ଷାତ୍‌କାର ରହିଛି। ପ୍ରବନ୍ଧରେ ପ୍ରଫେସର ଆଦିକନ୍ଦ ସାହୁ, ଦାଶ ବେନହୁର, କଇଳାଶ ପଟ୍ଟନାୟକ, ପ୍ରଫେସର ବସନ୍ତ କୁମାର ପଣ୍ଡା, ଲଲାଟେନ୍ଦୁ ଦାସ ମହାପାତ୍ର, କର୍ଣ୍ଣେଲ ଶରତ ମହାପାତ୍ର, ଡକ୍ଟର ଚିନ୍ମୟୀ ମହାପାତ୍ର, ନିଖିଳାନନ୍ଦ ପାଣିଗ୍ରାହୀ ଓ ପ୍ରଭାବତୀ ପଣ୍ଡା ପ୍ରମୁଖଙ୍କ ଲେଖା ରହିଛି। ଗଳ୍ପରେ ବିଭୂତି ପଟ୍ଟନାୟକ, ଶାନ୍ତନୁ କୁମାର ଆଚାର୍ଯ୍ୟ, ବନଜ ଦେବୀ, ଅର୍ଚ୍ଚନା ନାୟକ, ଗାୟତ୍ରୀ ସରାଫ୍, ପୁଷ୍ପାଞ୍ଜଳି ନାୟକ, ଅଧ୍ୟାପକ ବିଶ୍ୱରଞ୍ଜନ, କବିତା ବାରିକ, ରବି ପଣ୍ଡା, ତ୍ରିନାଥ ପଟ୍ଟନାୟକ, ଉପେନ୍ଦ୍ର ନାୟକ ପ୍ରମୁଖଙ୍କ ଲେଖା ପ୍ରକାଶିତ ହୋଇଛି। ଅନୁବାଦ ଗଳ୍ପରେ ଜୟନ୍ତୀ ରଥ, ସୁପ୍ରଭା ରାୟ, ବିନୋଦିନୀ ପାତ୍ର, କନକ ମଞ୍ଜରୀ ସାହୁ ଓ ମିନାକ୍ଷୀ ରାଉତରାୟଙ୍କ ଗଳ୍ପ ପ୍ରକାଶିତ ହୋଇଛି। ସେହିପରି କବିତାରେ ରାଜେନ୍ଦ୍ର କିଶୋର ପଣ୍ଡା, ଶତ୍ରୁଘ୍ନ ପାଣ୍ଡବ, ମମତା ଦାସ, ଗିରିବାଳା ମହାନ୍ତି ଓ ସରୋଜିନୀ ଷଡଙ୍ଗୀ ଆଦିଙ୍କ ଲେଖା ପ୍ରକାଶିତ ହୋଇଛି। ପତ୍ରିକାଟିରେ ଆହୁରି ଅନେକ ବିଷୟରେ ବିଭିନ୍ନ ଲେଖକଙ୍କର ଲେଖା ପ୍ରକାଶିତ ହୋଇ ବେଶ୍ ସରସ ଓ ସୁନ୍ଦର ହୋଇପାରିଛି।



# କିସେଞ୍ଜୀର

ଏହା ଏମିତି ଏକ ଯନ୍ତ୍ର ଯାହା ଲଙ୍ଗ ଡିଷ୍ଟାନ୍ସ ରିଲେସନଶିପ୍‌ରେ ଥିବା କପଲ୍‌ଙ୍କ ପାଇଁ ବରଦାନସ୍ୱରୂପ। କାରଣ ଏହା ମାଧ୍ୟମରେ ଦୂରରେ ଥିବା ସାଥୀର ଚୁମ୍ବନକୁ ଖୁବ୍ ନିକଟରୁ ଅନୁଭବ କରିହେବ। ଯନ୍ତ୍ରଟି ଦେଖିବାକୁ ବେଶ୍ ସାଦାସିଦା। ହେଲେ ଏହା ଦୂରତାକୁ ଦୂର କରି ସାଥୀକୁ ବେଶ୍ ନିକଟରେ ଥିବାର ଅନୁଭୂତି ପ୍ରଦାନ କରିବ। ଏହି ଯନ୍ତ୍ରର ନାଁ ହେଉଛି 'କିସେଞ୍ଜୀର'। ଏହାକୁ ଲଣ୍ଡନ ବିଶ୍ୱବିଦ୍ୟାଳୟର ଗବେଷକମାନେ ତିଆରି କରିଛନ୍ତି। ଏହାକୁ ମୋବାଇଲ୍ ଫୋନ୍ ସହ କନେକ୍ଟ କରିବାକୁ ହୁଏ। ଯନ୍ତ୍ରଟିରେ ଚୁମ୍ବନ ଦେବା ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଅଛି। ସେଠାରେ ଚୁମ୍ବନ ଦେଲେ ଚୁମ୍ବନର ପ୍ରେସର, ସେନ୍ସର, ଏକ୍ୟୁଏଟର୍ ମାଧ୍ୟମରେ ଯନ୍ତ୍ରଟି ଭର୍ଚୁଆଲ କିସ୍‌କୁ ବାସ୍ତବର ଅନୁଭବ





ପ୍ରଦାନ କରେ। ତେବେ ଏହି ଗ୍ୟାଜେଟ୍‌ରେ ଜିଭର ସେନ୍ସର ଉପଲବ୍ଧ ନାହିଁ। ଉକ୍ତ ଗ୍ୟାଜେଟ୍‌କୁ ମେସେଜିଂ ଆପ ସହ ପେୟାର କରାଯାଏ। ଯେତେବେଳେ ବ୍ୟବହାରକାରୀ ଚୁମ୍ବନ ପଠାନ୍ତି କିସେଞ୍ଜୀର ଚୁମ୍ବନ ପଠେଇଥିବା ବ୍ୟକ୍ତିଙ୍କ ଚୁମ୍ବନର ଚାପର ମେଜରମେଣ୍ଟ କରି ସେହି ଚାପ ଓ ସନସେସନ୍‌କୁ ପଠାଯାଉଥିବା ବ୍ୟକ୍ତିଙ୍କ ପାଖକୁ ପଠାଏ। ଫଳରେ ଅସଲି ଚୁମ୍ବନର ଅନୁଭବ ମିଳେ। ଯଦ୍ୱାରା ସାଥୀ ଯେ, ଦୂରରେ ଅଛନ୍ତି ତାହା ଅନୁଭବ ହୁଏ ନାହିଁ। ବରଂ ସେ ପାଖରେ ବସି ଚୁମ୍ବନ ଦେଉଥିବା ଭଳି ଅନୁଭବ ହେବ।

# କଫିରେ ଥ୍ରୀ ଡି ଆର୍ଟ

ବ୍ୟାକ୍ ପେଜ୍







କଫି ଲଭର୍ ଏହି କାଫେକୁ ଯିବା ପାଇଁ ନିଶ୍ଚିତଭାବେ ଚାହିଁବେ। କାରଣ ଏଠି କେବଳ ଯେ ସ୍ୱାଦିଷ୍ଟ କଫି ମିଳେ ତାହା ନୁହେଁ, ବରଂ କଫିକୁ ପରଷାଯାଏ ବେଶ୍ ନିଆରା ଢଙ୍ଗରେ। କଫି କପ୍‌ରେ ଦେଖିବାକୁ ମିଳେ କଫିର ଖୁବ ସୁନ୍ଦର ଥ୍ରୀଡି ଆର୍ଟ। ଜାପାନର ଓସାକା କାଫେ ହେଉଛି ଏହି କାଫେ ଓ ଥ୍ରୀଡି ଆର୍ଟ କରୁଥିବା କଳାକାର ଜଣକ ହେଉଛନ୍ତି କାଜୁକି ୟାମାମୋତୋ। କଫି ମଗ୍‌ରେ କାଜୁକି କିଛି କାର୍ଟୁନ ଚରିତ୍ରର ଏଭଳି ଥ୍ରୀଡି ଆର୍ଟ କରନ୍ତି ଯେ, ଲାଗେ ସତେ ଯେମିତି ଏସବୁ କଫି ମଗ୍‌ରୁ ଅନେଇକି ରହିଛନ୍ତି ଅବା କଫି ମଗ୍‌ରୁ ବାହାରିବାକୁ ଚେଷ୍ଟା କରୁଛନ୍ତି। ୨୦ ବର୍ଷ ବୟସର ହୋଇଥିବାବେଳେ କାଜୁକି ଏହି କଫି ଆର୍ଟ କରିବା ଆରମ୍ଭ କରିଥିଲେ। ପ୍ରଥମେ ସେ କଫିରେ ପତ୍ର ଡିଜାଇନ୍ କରୁଥିଲେ। ହେଲେ ଦିନେ ତାଙ୍କୁ ତାଙ୍କର ଜଣେ ବନ୍ଧୁ କଫି ଫୋମ୍‌ରେ ଆନିମେ କ୍ୟାରେକ୍ଟର କରିବା ପାଇଁ ଚ୍ୟାଲେଞ୍ଜ ଦେଲେ। ଅନେକ ପ୍ରୟାସ ପରେ ସେ ଏଥିରେ ସଫଳ ହେଲେ ଓ ତାକୁ ସୋସିଆଲ ମିଡ଼ିଆରେ ପୋଷ୍ଟ କଲେ। ସମସ୍ତେ ଏହି ଆର୍ଟକୁ ପସନ୍ଦ ବି କଲେ। କଫି ମଗ୍‌ରେ ଜିରାଫ ଗାଧୋଉଥିବା, ଗୋଟିଏ କପ୍‌ରୁ ବିଲେଇଟିଏ ବାହାରି ପାଖରେ ଥିବା ଅନ୍ୟ କପ୍‌ରେ ପହଁରୁଥିବା ମାଛକୁ ଦେଖିବାକୁ ଚେଷ୍ଟା କରୁଥିବା, ତା'ସହ ପୋକେମନ୍, ୱିନି ଦ ପୁ, ଆନିମେ କ୍ୟାରେକ୍ଟର ଭଳି ସୁନ୍ଦର ସୁନ୍ଦର କଫିର ଥ୍ରୀଡି ଆର୍ଟ କରି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି।



# ଝିଣ୍ଟିକା ଲଢେଇ ଚାମ୍ପିୟନ୍‌ଶିପ୍

ଝିଣ୍ଟିକା ଲାଗିପାରେ ଏକ ସାଧାରଣ କୀଟ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏହା କୌଣସି ଯୋଦ୍ଧାଠୁ କମ୍ ନୁହେଁ। ଭାବୁଥିବେ ଏହା କେମିତି ସମ୍ଭବ। କଥା କ'ଣ କି ଚାଇନାରେ ଆୟୋଜନ କରାଯାଏ ଝିଣ୍ଟିକା ଲଢେଇ ଚାମ୍ପିୟନଶିପ୍। ଏଥିପାଇଁ ଏକ ଜୋତା ବାକ୍ସ ଆକାରର ରିଙ୍ଗ୍ ପ୍ରସ୍ତୁତ କରାଯାଏ। ପରେ ଦୁଇଟି ଝିଣ୍ଟିକା ଯୋଦ୍ଧାକୁ ତା' ଭିତରକୁ ଛଡ଼ାଯାଏ। ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ମାଲିକମାନେ ନିଜ ନିଜ ଝିଣ୍ଟିକାର ନିଶକୁ ଲାଗି କିଛି ସମୟ ପାଇଁ ଚିଡାନ୍ତି, ହଇରାଣ କରନ୍ତି। ଯେବେ ସେମାନେ ଚିଡ଼ି ଯାଆନ୍ତି ରିଙ୍ଗ ମଝିରେ ଥିବା ଡିଭାଇଡର୍‌କୁ ହଟେଇ ଦିଆଯାଏ। ଏହି ଫାଇଟ୍‌ରେ କୌଣସି ଝିଣ୍ଟିକାର କିଛି କ୍ଷତି ହୁଏ ନାହିଁ। ଏଥିରେ ଝିଣ୍ଟିକା ଦୁଇଟି କେବଳ ତାଙ୍କ ଆଗ ଦୁଇ ଗୋଡରେ ଠେଲାପେଲା ହୁଅନ୍ତି ଓ ଜୋର୍‌ରେ ଶବ୍ଦ କରନ୍ତି। ଏହି ଚାମ୍ପିୟନଶିପ୍ ସେତେବେଳେ ସରେ ଯେବେ ଗୋଟେ ଝିଣ୍ଟିକା ଆତ୍ମସମର୍ପଣ କରେ ଓ ଝିଁ ଝିଁ ଶବ୍ଦ କରିବା ବନ୍ଦ କରିଦିଏ। ଏହି ଝିଣ୍ଟିକା ଲଢେଇ ଚାମ୍ପିୟନଶିପ୍ ଚାଇନାର ଏକ ବହୁ ପୁରାତନ ଖେଳ। ପ୍ରାୟ ୧୦୦୦ ବର୍ଷ ପୂର୍ବେ ଚାଇନାର ରାଜାମାନେ ଏହି ଖେଳରୁ ଆନନ୍ଦ ପାଉଥିଲେ। ଏଥିରେ ବିଜୟୀ ଝିଣ୍ଟିକାର ମାଲିକ ପୁରସ୍କାରଭାବେ ମୋଟା ଅଙ୍କର ଅର୍ଥ ପାଆନ୍ତି।

